**କରୋନା ଆକ୍ରାନ୍ତଙ୍କ ମୃତ୍ୟୁ**

**କଣ୍ଟାପଡା, ୧୯।୫(ଡି.ଏନ.ଏ.):** କରୋନାରେ ଆକ୍ରାନ୍ତ ହୋଇ କଟକର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାପଡା ଗ୍ରାମର ବିଶ୍ୱଜିତ୍ ସାହୁ(୩୭)। ବିଶ୍ୱଜିତ୍‌ଙ୍କ ବୁଡ଼ିମା କରୋନାରେ ଆକ୍ରାନ୍ତ ହୋଇ ନିକଟସ୍ଥ ସରକାରୀ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ବୁଧବାର ଅଡ଼ଶପୁର ଅଗ୍ନିଶମ ବିଭାଗ ପକ୍ଷରୁ ବିଶ୍ୱଜିତ୍‌ଙ୍କ ଘର ସମେତ କଣ୍ଟାପଡା ଗ୍ରାମକୁ ସାନିଟାଇଜ କରାଯାଇଥିଲା। ବିଶ୍ୱଜିତ୍ ଗତ ୩ତାରିଖରୁ କରୋନା ସଂକ୍ରମିତ ହୋଇ ଉକ୍ତ ନର୍ସିଂହୋମ୍‌ର କୋଭିଡ୍ ୱାର୍ଡରେ ଚିକିତ୍ସିତ ହେଉଥିଲେ।

## ସଂକ୍ଷେପରେ

### ନୋଟିସ ଦେଇ ଛାଡ଼ିଲା ପୋଲିସ

**କୁକୁର ମୁହଁକୁ ବିଲେଇ ଛୁଆ ଫିଙ୍ଗିବା ଘଟଣା**

ଭୁବନେଶ୍ୱର,୧୯।୫(ବ୍ୟୁରୋ): ଘରେ ପଶିଯିବାରୁ ବିଲେଇ ଛୁଆଙ୍କୁ କୁକୁର ମୁହଁକୁ ଫିଙ୍ଗିଦେବା ଘଟଣାରେ ଇନ୍‌ଫୋସିଟି ପୋଲିସ ସ୍ଥାନୀୟ ପ୍ରଶାନ୍ତି ବିହାର ଅଞ୍ଚଳର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମୁରଲିଧର ବେହେରାଙ୍କୁ ଥାନାକୁ ଡାକି ନୋଟିସ ଦେଇ ଛାଡ଼ିଛି। ଭବିଷ୍ୟତରେ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ କୁହାଯାଇଛି। ସୂଚନାନୁଯାୟୀ, ମୁରଲୀଧର ଗତ ୧୩ ତାରିଖ ସକାଳେ ଘର ଭିତରେ ମା' ବିଲେଇ ସହ ୩ ଛୁଆଙ୍କୁ ଦେଖି ରାଗି ଯାଇଥିଲେ। ଏହାପରେ ବିଲେଇ ଛୁଆଙ୍କୁ ଘର ବାହାରେ ବୁଲୁଥିବା କୁକୁର ସାମ୍ନାକୁ ଫୋପାଡି ଦେଇଥିଲେ। ଗୋଟିଏ ବିଲେଇ ଛୁଆ ଖସି ପଳାଇଯାଇଥିବାବେଳେ ଅନ୍ୟ ଦୁଇ ଛୁଆଙ୍କୁ କୁକୁର ଘେରି ଯାଇ ମାରି ଦେଇଥିଲେ। ଏହି ନିଷ୍ଠୁରତାର ଦୃଶ୍ୟ ସିସିଟିଭି ଫୁଟେଜରୁ ଜଣାପଡ଼ିବା ପରେ ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

### କୋଭିଡ୍ ମୃତକଙ୍କ ପାଇଁ ଭାଜପାର ଶୋକ

ଭୁବନେଶ୍ୱର, ୧୯।୫(ବ୍ୟୁରୋ): କରୋନାର ୨ୟ ଲହର ସଂକ୍ରମଣରେ ସଂକ୍ରମିତ ହୋଇ ରାଜ୍ୟର ବହୁ ପ୍ରତିଷ୍ଠିତ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ରାଜ୍ୟ ସଭା ସଦସ୍ୟ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ର, ରାଜ୍ୟ ଭାଜପାର ବରିଷ୍ଠ ନେତା ବୃନ୍ଦାବନ କଳସ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା, ଅବସରପ୍ରାପ୍ତ ପ୍ରଶାସକ ଗୋପୀନାଥ ମହାନ୍ତି, ବିଚାରବିଭାଗୀୟ ପରିବାରର ବହୁ ସଦସ୍ୟ ଓ ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ ଘଟିଛି। ଏମାନଙ୍କ ସ୍ମୃତିରେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ମଙ୍ଗଳବାର ଭର୍ଚୁଆଲ ମାଧ୍ୟମରେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ରଘୁନାଥ ମହାପାତ୍ର ନିଜର ନିଖୁଣ କାରୁକାର୍ଯ୍ୟ ମାଧ୍ୟମରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସୁନାମ ଆଣିଥିଲେ। ସେହିପରି ଭାଜପାକୁ ସଙ୍ଗଠିତ ଓ ସୁଦୃଢ଼ କରିବାରେ ସ୍ୱର୍ଗତ ବୃନ୍ଦାବନ କଳସଙ୍କ ଅତୁଳନୀୟ ଅବଦାନ ଥିଲା। ଜଗନ୍ନାଥ ସଂସ୍କୃତିର ଦେଶ ବିଦେଶରେ ପ୍ରଚାର ଓ ପ୍ରସାର ପାଇଁ ଅବସରପ୍ରାପ୍ତ ପ୍ରଶାସକ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କ ଭୂମିକା ସର୍ବଦା ସ୍ମରଣୀୟ ହୋଇ ରହିବ। ଏଭଳି ସଙ୍କଟ ସମୟରେ ଆମେ ସମସ୍ତେ ଏକାଠି ହୋଇ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କୋଭିଡ୍ ଟେଷ୍ଟିଂକୁ ଗୁରୁତ୍ୱ ଦେବା ପାଇଁ ସଚେତନତା ସୃଷ୍ଟି କରାଇପାରିଲେ ସମସ୍ତଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଅନ୍ୟତମ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଲେ, ସ୍ୱର୍ଗତ ମହାପାତ୍ର କେବଳ ଜଣେ ପ୍ରତିଷ୍ଠିତ ସ୍ଥପତି ନ ଥିଲେ ସେ ଅତ୍ୟନ୍ତ ମେଳାପୀ, ଭଦ୍ର, ଅମାୟିକ ବ୍ୟକ୍ତି ଥିଲେ। ଜଣେ ଭଲ ବନ୍ଧୁ ହରାଇଲି ବୋଲି ଷଡ଼ଙ୍ଗୀ କହିଛନ୍ତି।

# ଗାଁ କଲ୍ୟାଣ ସମିତିକୁ ୨୦ ହଜାର

**କୋଭିଡ୍ ପରିଚାଳନା**

- ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବ ସମିତି
- ଆଶାକର୍ମୀଙ୍କ ଘର ଘର ବୁଲି ସର୍ଭେ ପାଇଁ ଆକ୍ସନ ପ୍ଲାନ୍

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

କୋଭିଡ୍ ପରିଚାଳନା ପାଇଁ ଗାଁ କଲ୍ୟାଣ ସମିତିକୁ ସାମିଲ କରାଯାଇଛି। ଏ ବାବଦକୁ ସମିତିକୁ ମିଳିବ ସର୍ବାଧିକ ୨୦ ହଜାର ଟଙ୍କା। ୨୦୨୧-୨୨ ବର୍ଷ ପାଇଁ ୪ଟି କିସ୍ତିରେ ଏହି ଟଙ୍କା ମିଳିବ। ଏନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଗାଁ କଲ୍ୟାଣ ସମିତି କରୋନା ମୁକାବିଲା ପାଇଁ ବୈଠକ କରି ୩ ମାସର ଆକ୍ସନ ପ୍ଲାନ କରିବ। ସ୍ଥାନୀୟ ଗଣମାଧ୍ୟମକୁ ନେଇ ଲୋକଙ୍କୁ ସଚେତନ ମଧ୍ୟ କରିବ ସମିତି। ଏଥିସହ ସାନିଟାଇଜ, ଟିକାକରଣ ଓ ଟେଷ୍ଟିଂ ପାଇଁ ଲୋକଙ୍କୁ ଉତ୍ସାହିତ କରିବ। କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ମଧ୍ୟ ସମିତି କଠୋର କାର୍ଯ୍ୟାନୁଷ୍ଠାନ ନେଇପାରିବ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ସେପଟେ ୨୪ରୁ ରାଜ୍ୟବ୍ୟାପୀ ଆଶାକର୍ମୀମାନେ ଘର ଘର ବୁଲି ସର୍ଭେ ପାଇଁ ଆକ୍ସନ ପ୍ଲାନ କରିଛି ସ୍ୱାସ୍ଥ୍ୟ ବିଭାଗ। ଆଶାକର୍ମୀମାନେ ଜ୍ୱର ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଔଷଧ ବ୍ୟବସ୍ଥା କରିବା ସହ ଆବଶ୍ୟକ ସ୍ଥଳେ ହସ୍ପିଟାଲ ପଠାଇବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଲକ୍ଷଣ ଥିଲେ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଟେଷ୍ଟିଂ କରାଇବେ ଏବଂ ଲିଫ୍‌ଲେଟ୍ ବାଣ୍ଟି କୋଭିଡ୍ ସମ୍ପର୍କରେ ସଚେତନ କରିବେ ଆଶାକର୍ମୀ। ଠିକ୍ ଭାବେ ମାସ୍କ ବ୍ୟବହାର ଓ ହାତ ଧୋଇବା ନେଇ ମଧ୍ୟ ଲୋକଙ୍କୁ ବୁଝାଇବେ। ଅନ୍ୟ ଗୁରୁତର ରୋଗରେ ଆକ୍ରାନ୍ତ କରୋନା ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଦୈନିକ ଅତିକମ୍‌ରେ ୨୦ଟି ଘର ବୁଲି ଆଶାକର୍ମୀମାନେ ସର୍ଭେ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ନେଇ ମହାପାତ୍ର ସମସ୍ତ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

## ନିର୍ଦ୍ଧାରିତ ଦରରେ ଟିକାକରଣ ପାଇଁ ଘରୋଇ ହସ୍ପିଟାଲକୁ ନିର୍ଦ୍ଦେଶ

ଏଣିକି ଘରୋଇ ହସ୍ପିଟାଲଗୁଡ଼ିକ ମଧ୍ୟ ଟିକାକରଣ କରିପାରିବେ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦର ଅନୁସାରେ ଟିକାକରଣ ହେବ। ଏନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସବୁ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେ ଲେଖିଛନ୍ତି ଯେ, ସମସ୍ତ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଟିକାକରଣ ପାଇଁ ଭିତ୍ତିଭୂମି ସଜାଡ଼ିବା ସହ ପ୍ରସ୍ତୁତ ହୋଇ ରୁହନ୍ତୁ। ନିଜେ ଟିକା କିଣି ଲୋକଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ଟିକା ଦିଅନ୍ତୁ। ତେବେ କୌଣସି ଘରୋଇ ହସ୍ପିଟାଲରେ ଅଫ୍‌ଲାଇନ ଟିକାକରଣ କରିବାକୁ ଚିଠିରେ ସିଧାସଳଖ ମନା କରାଯାଇଛି। ଟିକାକରଣ ପୂର୍ବରୁ ଟିକାର ଦର କୋୱିନ୍ ପୋର୍ଟାଲ ଜରିଆରେ ଜଣାଇବା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଭୁବନେଶ୍ୱର, ବ୍ରହ୍ମପୁର ଓ ବରଗଡ଼ର ୩ ଘରୋଇ ହସ୍ପିଟାଲ ୧୨ ହଜାର ଲେଖାଏ ଡୋଜ୍ କୋଭିଶିଲ୍ଡ ଟିକା ପାଇଁ ସିରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ଅର୍ଡର କରିଥିବା ସୂଚନା ମିଳିଛି।

**ଅଫ୍‌ଲାଇନ୍ ଟିକାକରଣ ମନା**

## ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ କରିଥାଏ

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

କରୋନାରୁ ସୁସ୍ଥ ହେବାପରେ ଅନେକ ଆକ୍ରାନ୍ତ ବ୍ଲାକ ଫଙ୍ଗସ୍ ଦ୍ୱାରା ସଂକ୍ରମିତ ହେଉଛନ୍ତି। ରୋଗ ପ୍ରତିରୋଧକ ଶକ୍ତି କମିଲେ ବ୍ଲାକ୍ ଫଙ୍ଗସ୍ ଭାଇରସ୍ ଶରୀରରେ ପଶେ ବୋଲି ଏସ୍‌ସିବି ମେଡିକାଲ କଲେଜ ମେଡିସିନ ବିଭାଗ ମୁଖ୍ୟ ଡା. ଜୟନ୍ତ ପଣ୍ଡା କହିଛନ୍ତି। ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପରାମର୍ଶଭିତ୍ତିକ କାର୍ଯ୍ୟକ୍ରମରେ ଡା. ପଣ୍ଡା ବ୍ଲାକ୍ ଫଙ୍ଗସ ଓ ତା'ର ଚିକିତ୍ସା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ଭାଇରସ୍ ସବୁବେଳେ ବାୟୁମଣ୍ଡଳରେ ଥାଏ। ଶ୍ୱାସକ୍ରିୟା ଜରିଆରେ ଶରୀର ମଧ୍ୟରେ ପ୍ରବେଶ କରିଥାଏ। ଯେଉଁମାନଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଏହି ଭାଇରସ୍ ଅତିଶୀଘ୍ର ସଂକ୍ରମଣ କରେ। ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଏହା ଅଧିକ ମାତ୍ରାରେ ଦେଖାଯାଏ। ବ୍ଲାକ୍ ଫଙ୍ଗସ୍ ହେଲେ ଆଖି ଫୁଲିବା, ନାକରୁ କଳା ପାଣି ବାହାରିବା ଲକ୍ଷଣ ସହ ପତଳା ଝାଡ଼ା ବା ଚର୍ମରେ କଳା ଫୋଟକା ହେବା ଲକ୍ଷଣ ଦେଖାଯାଏ। ପତଳା ଝାଡ଼ା ବା ଚର୍ମରେ କଳା ଫୋଟକା ଲକ୍ଷଣ ଥିବା ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କୁ ଏମ୍ଫୋଟେରିସିନ୍-ବି (Amphotericin B) ଔଷଧ ଦିଆଯାଏ। ରାଜ୍ୟରେ ଏହି ଔଷଧ ପର୍ଯ୍ୟାପ୍ତ ପରିମାଣର ଷ୍ଟକ୍ ରହିଥିବା ଡା. ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଟିବି ଡେମୋନ୍‌ଷ୍ଟ୍ରେଶନ କେନ୍ଦ୍ରର ମାଇକ୍ରୋବାୟୋଲୋଜି ପରାମର୍ଶଦାତା ଡା. ପରେଶ ନାଥ ମହାନ୍ତି, ଭୁବନେଶ୍ୱରସ୍ଥିତ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ଉପସ୍ଥିତ ରହି ରୋଗ ସମ୍ପର୍କରେ କହିଥିଲେ। ବ୍ଲାକ୍‌ଫଙ୍ଗସ୍ ରୋଗୀଙ୍କ ପାଇଁ ଗାଇଡ୍‌ଲାଇନ କରିବାକୁ ରାଜ୍ୟ ସରକାର ୭ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ କମିଟି ଗଠନ କରିଛନ୍ତି। ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ଉପରେ ଅନୁଧ୍ୟାନ କରିବ ଏହି କମିଟି। ରୋଗୀଙ୍କ ସ୍ଥିତି ତର୍ଜମା କରି ତ୍ୱରିତ ରୋଗ ଚିହ୍ନଟ ଓ ପରିଚାଳନା ନେଇ କମିଟି ଗାଇଡ୍‌ଲାଇନ କରିବ। ସେହିପରି ସବୁ ସରକାରୀ ମେଡିକାଲ କଲେଜରେ ଏକ୍ସପର୍ଟ କମିଟି ଗଠନ ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏଭଳି ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ସହ ତୁରନ୍ତ ଜଣାଇବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି।

## ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦେଖାଯିବ ଶୂନ୍ୟ ଛାୟା

ଭୁବନେଶ୍ୱର, ୧୯।୫ (ବ୍ୟୁରୋ)

ଆସନ୍ତା ୨୨ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶୂନ୍ୟ ଛାୟା ଦେଖାଯିବ। ତେବେ କଟକ ଓ ଭୁବନେଶ୍ୱରରେ ପୂର୍ବାହ୍ନ ୧୧ଟା ୪୩ରେ ଏହା ଦେଖିବାକୁ ମିଳିବ। ଏହି ସମୟରେ ସୂର୍ଯ୍ୟ ଠିକ୍ ମୁଣ୍ଡ ଉପରେ ରହିବ ଓ ଯେକୌଣସି ଲମ୍ବ ଆକାରର ବସ୍ତୁର ଛାଇ ଦେଖାଯିବ ନାହିଁ। ଏହି ଘଟଣାକୁ ଜ୍ୟୋତିର୍ବିଜ୍ଞାନୀମାନେ ଶୂନ୍ୟ ଛାୟା ଦିବସ ବା ଜିରୋ ସ୍ୟାଡୋ ବୋଲି ନାମିତ କରିଛନ୍ତି। ଏହା କାହିଁକି ଘଟେ ଓ ଏପରି ନାମକରଣ କରିବାର ଯଥାର୍ଥତା କ'ଣ ରହିଛି ସେସବୁ ଜାଣିବା ପାଇଁ ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ଦିନ ୧୧ଟା ୧୫ରୁ ୧୨ଟା ୧୫ ପର୍ଯ୍ୟନ୍ତ ଭୁବନେଶ୍ୱର ପ୍ଲାନେଟାରିୟମ ପକ୍ଷରୁ ଅନ୍‌ଲାଇନ୍‌ରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିସହିତ ଅନ୍‌ଲାଇନ୍‌ରେ ଦେଖିବାର ବ୍ୟବସ୍ଥା ମଧ୍ୟ କରାଯିବ। ଏ ନେଇ ବୁଧବାର ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ସୁନ୍ଦର ଦୃଶ୍ୟ ଦେଖିବା ପାଇଁ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରିଛନ୍ତି।

## ଆମିଷ ପାଇଁ ସାମାଜିକ ଦୂରତ୍ୱ ଭୁଲିଗଲେ...



ଲକ୍‌ଡାଉନ୍‌ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ବୁଧବାର ନୟାପଲ୍ଲୀ ମାଛ ମାର୍କେଟରେ ଲୋକଙ୍କ ଗହଳି।

## ଡାକ୍ତରୀ ଦଳକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା




ଭୁବନେଶ୍ୱର, ୧୯।୫(ବ୍ୟୁରୋ)

ନିକଟରେ କରୋନାକୁ ହରାଇଥିବା ନବଜନ୍ମିତ ଶିଶୁ ଈଶାନୀ ଅଗ୍ରୱାଲ(ଗୁଡ଼ିଆ)ଙ୍କୁ ଚିକିତ୍ସା କରିଥିବା ଡା. ଅରିଜିତ ମହାପାତ୍ର ଓ ତାଙ୍କ ଦଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଗୁଡ଼ିଆ ଭେଣ୍ଟିଲେଟରରେ ରହି ଜୀବନ ସହ ସଂଗ୍ରାମ କରି କରୋନାକୁ ପରାସ୍ତ କରିପାରିଛି। କୋଭିଡ୍-୧୯ ଭଳି କଷ୍ଟ ସମୟରେ ଗୁଡ଼ିଆର ସଫଳ ଚିକିତ୍ସା ଏକ ବଡ଼ ଆଶାର କିରଣ ଦେଇଛି। ଟୁଇଟ୍‌ରେ ମୁଖ୍ୟମନ୍ତ୍ରୀ ଏକ ପ୍ରଶଂସା ପତ୍ର ମଧ୍ୟ ପୋଷ୍ଟ କରିଛନ୍ତି। ଆରୋଗ୍ୟ ଲାଭ କରିଥିବା ଆକ୍ରାନ୍ତଙ୍କ ମଧ୍ୟରେ ଗୁଡ଼ିଆ ଦେଶରେ ସବୁଠାରୁ କନିଷ୍ଠ ବୋଲି ମୁଖ୍ୟମନ୍ତ୍ରୀ ସେଥିରେ ଲେଖିଛନ୍ତି।

ସୂଚନାଯୋଗ୍ୟ, କଳାହାଣ୍ଡି ଜିଲା ମଦନପୁର-ରାମପୁରର ଅଙ୍କିତ ଅଗ୍ରୱାଲଙ୍କ ସ୍ତ୍ରୀ ପ୍ରୀତି ଛତିଶଗଡ଼ ରାୟପୁରରେ ଈଶାନୀଙ୍କୁ ଜନ୍ମଦେଇଥିଲେ। ଘରକୁ ଫେରିବା ପରେ ପରିବାର ଲୋକ କୋଭିଡ୍‌ରେ ସଂକ୍ରମିତ ହୋଇଥିଲେ। ଏଥିରେ ଗୁଡ଼ିଆ ମଧ୍ୟ ସଂକ୍ରମିତ ହୋଇଥିଲା। ଗୁରୁତର ହେବାରୁ ତାକୁ ଭୁବନେଶ୍ୱରସ୍ଥିତ ଜଗନ୍ନାଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୧୦ଦିନ ଭେଣ୍ଟିଲେଟରରେ ରହିଥିଲେ। ଧୀରେ ଧୀରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ଗୁଡ଼ିଆକୁ କରୋନାମୁକ୍ତ କରିବା ବଡ଼ ଚ୍ୟାଲେଞ୍ଜ ଥିଲା ବୋଲି ତାଙ୍କୁ ଚିକିତ୍ସା କରିଥିବା ଡା. ମହାପାତ୍ର କହିଥିଲେ।

## ୨୨ଟନ୍ କୋଇଲା ଜବତ କଲା ଏସ୍‌ଟିଏଫ୍

**ଭୁବନେଶ୍ୱର,୧୯।୫(ବ୍ୟୁରୋ):** କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ବୁଧବାର କଟକ ଜିଲା ନରସିଂହପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଟ୍ରକ୍ ସ'ହ ୨୨ ଟନ୍ ଚୋରା କୋଇଲା ଜବତ କରିଛି। ଏଥିସହ ସମ୍ପୃକ୍ତ ସାଗର ସେଠୀ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ସ୍ଥାନୀୟ ପୋଲିସ ମାମଲା (ନଂ. ୮୨/୨୧) ରୁଜୁ କରି ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ଅନୁଗୋଳ-ତାଳଚେର ଅଞ୍ଚଳରୁ ଟ୍ରକରେ ଯାଉଥିବା କୋଇଲାକୁ ଚୋରି କରାଯାଇ ନରସିଂହପୁରରେ ଗଚ୍ଛିତ ରଖାଯାଇ ଅନ୍ୟତ୍ର ବିକ୍ରି କରାଯାଉଥିବା ଜଣାପଡିଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଉଦ୍ୟମ ଚଳାଇଛି।

## ଗୃହ ସଙ୍ଗରୋଧକାରୀଙ୍କୁ ଗ୍ରୀନ୍, ରେଡ୍ ଫ୍ଲାଗ୍‌ରେ ବର୍ଗୀକରଣ

- ରେଡ୍ ଫ୍ଲାଗ୍ ଉପରେ ନଜର ରଖିବ ବିଏମ୍‌ସି
- ଲଗାତର ୩ଦିନ ଫୋନ୍ କରି ବୁଝିବ ସ୍ୱାସ୍ଥ୍ୟାବସ୍ଥା

ଭୁବନେଶ୍ୱର, ୧୯।୫ (ବ୍ୟୁରୋ)

କରୋନା ସଂକ୍ରମିତଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୁପରିଚାଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଗୃହ ସଙ୍ଗରୋଧରେ ଥିବା ରୋଗୀଙ୍କୁ ନିୟମିତ ଆବଶ୍ୟକ ସେବା ଯୋଗାଇ ଦେବା ପାଇଁ ବର୍ଗୀକରଣ କରାଯାଇଛି। ସ୍ୱଳ୍ପ ଲକ୍ଷଣଯୁକ୍ତଙ୍କୁ ଗ୍ରୀନ୍ ଫ୍ଲାଗରେ ଓ ଅପେକ୍ଷାକୃତ ଭାବେ ଅଧିକ ଲକ୍ଷଣଯୁକ୍ତ ସଙ୍ଗରୋଧକାରୀଙ୍କୁ ରେଡ୍ ଫ୍ଲାଗ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ରେଡ୍ ଫ୍ଲାଗ୍‌ରେ ଥିବା ସଂକ୍ରମିତଙ୍କୁ ଲଗାତର ୩ଦିନ ଫୋନ୍ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନିରୀକ୍ଷଣ କରିବା ସହ ସମୀକ୍ଷା କରିବାକୁ କମିଶନର ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ଦିନରେ ୨୨ଜଣଙ୍କୁ କଲ୍ କରାଯାଇ ସେମାନଙ୍କ ସ୍ଥିତି ସମୀକ୍ଷା କରାଯାଇଛି। ରାପିଡ୍ ରେସ୍‌ପନ୍ସ ଟିମ୍ (ଆର୍‌ଆର୍‌ଟି)ଙ୍କ ରୋଗ ନିରୀକ୍ଷଣ ସୂଚନାକୁ ଭିତ୍ତିକରି ରେଡ୍ ଫ୍ଲାଗ୍ ରୋଗୀଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ଏହି ଟିମ୍‌ରେ ଅଭିଜ୍ଞ ଡାକ୍ତରମାନେ ରହିଛନ୍ତି। ମହାନଗର ନିଗମର ୩ ଜୋନ୍ ମାଧ୍ୟମରେ ସେବା ଯୋଗାଣକୁ ତ୍ୱରାନ୍ୱିତ କରାଯାଉଥିବାବେଳେ ଜୋନ୍‌ର ଜୋନାଲ୍ ଡେପୁଟି କମିଶନରଙ୍କଠାରୁ ଗୃହ ସଙ୍ଗରୋଧରେ ଥିବା ରୋଗୀଙ୍କ ସୂଚନା ପାଇବା ପରେ ରେଡ୍ ଫ୍ଲାଗ୍ ତାଲିକା ପ୍ରସ୍ତୁତ କରାଯାଉଛି। ବର୍ଗୀକରଣ କରିବା ଦ୍ୱାରା ୧୯୨୯ କଲ୍‌ସେଣ୍ଟର୍‌ରୁ ସଂପୃକ୍ତ ସଂକ୍ରମିତଙ୍କୁ କଲ୍ କରାଯାଇ ସେମାନଙ୍କ ରୋଗର ସ୍ଥିତିକୁ ସମୀକ୍ଷା କରିବା ଓ ହସ୍ପିଟାଲ୍ ପଠାଇବାକୁ ସୁବିଧା ହୋଇପାରୁଛି। କଲ୍‌ସେଣ୍ଟରରେ ପ୍ରଥମ ଶିଫ୍ଟରେ ୭ ଜଣ, ଦ୍ୱିତୀୟ ଶିଫ୍ଟରେ ୭ ଜଣ ଏବଂ ତୃତୀୟ ଶିଫ୍ଟରେ ୪ ଜଣ ଡାକ୍ତର ରହି ସେବା ଯୋଗାଉଥିବା ସୂଚନା ଦିଆଯାଇଛି।

## ଲକ୍‌ଡାଉନ୍: ୧୪ ଦିନରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବା ଗତ ୫ ତାରିଖରୁ ରାଜ୍ୟରେ ଲାଗୁ ହୋଇଥିବା ୧୪ ଦିନିଆ ଲକ୍‌ଡାନ୍‌କୁ ଜୁନ୍ ୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବୁଧବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ବା ଲକ୍‌ଡାଉନ୍ ୨.୦ ଆରମ୍ଭ ହୋଇଥିବାବେଳେ ରାଜଧାନୀ ଭୁବନେଶ୍ୱରରେ କମିଶନରେଟ ପୋଲିସ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ୍‌ରେ ଯାଞ୍ଚ ସମୟରେ ବହୁ ଅମାନିଆ ଧରାପଡ଼ି ଜରିମାନା ଗଣିଛନ୍ତି। ମୋଟ ୨୨ ହଜାର ୩୬୦ଜଣ ଉଲ୍ଲଂଘନକାରୀଙ୍କଠାରୁ ୨୦ ଲକ୍ଷ ୫୬ ହଜାର ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା କମିଶନରେଟ୍ ପୋଲିସ ପକ୍ଷରୁ ରିପୋର୍ଟ ଜାରି କରାଯାଇଛି। ରିପୋର୍ଟ ଅନୁଯାୟୀ, ସାମାଜିକ ଦୂରତା ଓ ମାସ୍କ ପିନ୍ଧିବା ନିୟମ ଉଲ୍ଲଂଘନ ନେଇ ୧୧ହଜାର ୩୧୮ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ସେହିପରି ପୋଲିସ ନାକାବନ୍ଦୀ କରି ଯାଞ୍ଚ ସମୟରେ ୭୪୧୩ ଜଣଙ୍କଠାରୁ ଜରିମାନା ଆଦାୟ କରିଛି।



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଟିକା ନେବାକୁ ଲୋକେ ଧାଡ଼ିରେ ରହିଥିବାବେଳେ ଜଣେ ସୁରକ୍ଷା କର୍ମୀ ସଚେତନ କରୁଛନ୍ତି।

# ୩ଶହ ଟପିଲା କରୋନା ମୃତ୍ୟୁ

ଭୁବନେଶ୍ୱର, ୧୯।୫ (ବ୍ୟୁରୋ)

**ରାଜଧାନୀରେ ଆଉ ୯୨୫ ଆକ୍ରାନ୍ତ**

କରୋନାର ଦ୍ୱିତୀୟ ଲହରରେ ଆସିଥିବା ନୂଆ ଷ୍ଟ୍ରେନ୍ ଅଧିକ ଘାତକ ସାଜୁଛି। ରାଜଧାନୀ ଭୁବନେଶ୍ୱରରେ ପ୍ରତିଦିନ ବହୁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଛି। ଗତ ୨୪ଘଣ୍ଟାରେ ସହରରୁ ଆଉ ୯୨୫ଜଣ ସଂକ୍ରମିତ ହୋଇଥିବାବେଳେ ୨ଜଣଙ୍କ ଜୀବନ ନେଇଛି ମହାମାରୀ କରୋନା। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୩୦୧ରେ ପହଞ୍ଚିଛି।

ସେହିପରି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୪ହଜାର ୫୭୪ରେ ପହଞ୍ଚିଛି। ନୂଆ ଚିହ୍ନଟଙ୍କ ମଧ୍ୟରୁ ୧୩୭ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ବାହାରିଥିବାବେଳେ ୭୮୮ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ପଟିଆ ଅଞ୍ଚଳରୁ ସର୍ବାଧିକ ୫୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୁଣା ଭୁବନେଶ୍ୱରରୁ ୪୧, ସାମନ୍ତରାପୁର ଓ ଟଙ୍କପାଣି ରୋଡ୍‌ରୁ ୧୫ଜଣ ଲେଖାଏ, ୟୁନିଟ-୯ରୁ ୧୬, ଶୈଳଶ୍ରୀ ବିହାରରୁ ୧୦, ସୁନ୍ଦରପଦାରୁ ୯, ପାତ୍ରପଡାରୁ ୨୫, ଶିଖରଚଣ୍ଡୀ ନଗରରୁ ୧୧, ଶାସ୍ତ୍ରୀନଗରରୁ ୧୦, ୟୁନିଟ-୩ରୁ ୧୧, ପୋଖରିପୁଟରୁ ୯, ୟୁନିଟ-୬ରୁ ୧୩, ରସୁଲଗଡରୁ ୨୧, ଶହୀଦ ନଗର ଓ ୟୁନିଟ-୮ରୁ ୧୨ଜଣ ଲେଖାଏ, ଚକେଇସିଆଣୀରୁ ୧୨, ଚନ୍ଦ୍ରଶେଖରପୁରରୁ ୨୭, ଖଣ୍ଡଗିରିରୁ ୨୬, ଲକ୍ଷ୍ମୀସାଗରରୁ ୧୯, ବଡଗଡ, ଜୟଦେବ ବିହାର ଓ ମଞ୍ଚେଶ୍ୱରରୁ ୧୮ଜଣ ଲେଖାଏ, ବରମୁଣ୍ଡା ଓ ଡୁମୁଡୁମାରୁ ୨୮ଜଣ ଲେଖାଏ, ଝାରପଡା ଓ ନୟାପଲ୍ଲୀରୁ ୨୯ଜଣ ଲେଖାଏ, ଭରତପୁରରୁ ୧୩, ଭୀମଟାଙ୍ଗୀରୁ ୧୭, ନୀଳାଦ୍ରୀ ବିହାରରୁ ୧୫, ଗଜପତି ନଗରରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୮ଶହ ୫୫ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୫୧,୯୧୧ରେ ପହଞ୍ଚିଛି ଓ ବର୍ତ୍ତମାନ ୧୨ହଜାର ୩୪୧ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ଟିକାକରଣ ପାଇଁ ନୂଆ ସ୍ଲଟ୍ ବୁକିଂ ଆରମ୍ଭ



ଟିକା ନେବା ପାଇଁ ଆଉ ଟୋକନ୍ ନେବାକୁ ପଡିବ ନାହିଁ। ସ୍ଲଟ୍ ବୁକିଂ କରିବା ପରେ ହିଁ ଲୋକଙ୍କୁ ଟିକା ମିଳିପାରିବ। ଏନେଇ ବିଏମ୍‌ସି ପକ୍ଷରୁ ଉଭୟ ୧୮ରୁ ୪୪ ଓ ୪୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ସ୍ଲଟ୍ ବୁକିଂ ବାଧ୍ୟତାମୂଳକ କରିଛି। ସ୍ଲଟ ବୁକିଂ କରିଥିବା ୧୮ରୁ ୪୪ ବର୍ଷ ବୟସର ବ୍ୟକ୍ତିମାନେ ସକାଳ ୮ଟା ୩୦ରୁ ଅପରାହ୍ନ ୧ଟା ଓ ୪୫ରୁ ଊର୍ଦ୍ଧ୍ୱ ବୟସ୍କ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଟିକାକେନ୍ଦ୍ରରେ ଟିକା ନେବେ। selfregistration.cowin.gov.inରେ ଉଭୟ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକାକରଣ ପାଇଁ ସ୍ଲଟ ବୁକିଂ କରାଯାଇ ପାରିବେ। ବୁଧବାର ସନ୍ଧ୍ୟା ୬ଟାରୁ ବୁକିଂ ଆରମ୍ଭ ହୋଇଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ଲଟ ବୁକିଂ ପରେ ଦିଆଯାଉଥିବା ସମୟରେ ଟିକା ନେଇ ପାରିବେ। ତେବେ ସ୍ଲଟ ବୁକିଂ କରି ନ ଥିବା ବ୍ୟକ୍ତିମାନେ ଅଯଥାରେ ଟିକାକେନ୍ଦ୍ରକୁ ଆସି ଗହଳି ନ କରିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

**ବିଲିପଡ଼ାରେ ଧାନମଣ୍ଡି ଖୋଲିଲା**

ବାଙ୍କୀ,(ସ୍ୱ.ପ୍ର.):ବାଙ୍କୀ କେନ୍ଦ୍ର ସମବାୟ ଅନ୍ତର୍ଗତ ବିଲିପଡା ସେବା ସମବାୟ ସମିତିରେ ରବି ଧାନମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ମଣ୍ଡିରେ ଧାନ ଦେବା ପାଇଁ ୨୬୧ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇ ସେମାନଙ୍କଠାରୁ ୪ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି।

## ସଂକ୍ଷେପରେ

### ଶବଦାହକୁ ନେଇ ଉତ୍ତେଜନା

**ପୁରୁଣା ଭୁବନେଶ୍ୱର,୧୯।୫(ଡି.ଏନ୍.ଏ.):** ରାଜ୍ୟରେ ଏବେ ଲଗାତର ଭାବେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ମୃତ୍ୟୁସଂଖ୍ୟା ମଧ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏପରିକି ଶ୍ମଶାନରେ ମୃତଦେହ ଦାହ କରିବା ପାଇଁ ମଧ ଜାଗା ମିଳୁ ନାହିଁ। ଏଭଳି ସ୍ଥିତିରେ ରାଜଧାନୀ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ମୃତଦେହକୁ ସତ୍କାର କରିବା ପାଇଁ ବିଏମ୍‌ସି ମହାନଗର ଶ୍ମଶାନ ଥିବାବେଳେ ଏବେ ତାହା ବନ୍ଦ କରି ଭରତପୁରଠାରେ ଥିବା ଶ୍ମଶାନରେ ଦାହ କରିବାକୁ କୁହାଯାଇଛି। ଏଠାରେ ମୃତଦେହ ସତ୍କାର ପାଇଁ ପ୍ରଦୀପ ସେବା ଟ୍ରଷ୍ଟକୁ ଗତ ୧୪ତାରିଖରୁ ବିଏମ୍‌ସି ଦାୟିତ୍ୱ ଦେଇଛି। ତେବେ ବୁଧବାର ଏହି ଟ୍ରଷ୍ଟର ଅଧକ୍ଷ ପ୍ରଦୀପ ପୃଷ୍ଟି ଭୀମଟାଙ୍ଗୀ ଅଞ୍ଚଳର ୮୦ବର୍ଷୀୟ ମହିଳାଙ୍କ ମରଶରୀର ଧରି ଗରାବଡ୍ଡୁ ଶ୍ମଶାନକୁ ଆସିଥିଲେ। କିନ୍ତୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବିରୋଧ କରିଥିଲେ। ଯାହାକୁ ନେଇ ଉଭୟ ପକ୍ଷରୁ ବଚସା ହୋଇ ଉତ୍ତେଜନା ପରିସ୍ଥିତି ହୋଇଥିଲା। ପରେ ସ୍ଥାନୀୟ ଲୋକେ ଆସି ଉତ୍ୟକ୍ତ ଯୁବକଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ସତ୍କାର ହୋଇଥିଲା।

### ଜିଲାରେ କୋଭିଡ ପରିଚାଳନାକୁ ଗୁରୁତ୍ୱ

**କଟକ ଅଫିସ, ୧୯।୫:** ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧକ୍ଷତାରେ ଭର୍ଚୁଆଲ ମୋଡ଼ରେ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲାରେ କୋଭିଡ ପରିଚାଳନା ଓ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତି ନିମନ୍ତେ ଏମ୍‌ପି ମହତାବ ଗୁରୁତ୍ୱ ଦେଇଥିଲେ। ସେହିପରି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ଟେଷ୍ଟିଂ, ଆଇସିୟୁ ଓ କୋଭିଡ କେୟାର କେନ୍ଦ୍ରରେ ଶଯ୍ୟା ବୃଦ୍ଧି, ଅମ୍ଳଜାନ ବ୍ୟବସ୍ଥା, ୨୪ ଘଣ୍ଟିଆ ହେଲ୍ପଡେସ୍କ ଗଠନ କରିବାକୁ କହିଥିଲେ। ଆରଡିସି ଅନୀଲ ସାମଲ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଅମ୍ଳଜାନ ପ୍ଲାଣ୍ଟ ପ୍ରତିଷ୍ଠାର ଅଗ୍ରଗତି ଏବଂ ଏସ୍‌ସିବିରେ ନୂତନ ପ୍ଲାଣ୍ଟ ପ୍ରତିଷ୍ଠା, ଟୀକାକରଣ ପାଇଁ କ୍ୟାମ୍ପ, ଆଇସିୟୁ ଶଯ୍ୟା ବୃଦ୍ଧି, ଶବ ବ୍ୟବଛେଦ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ପ୍ରମୋଦ ମଲ୍ଲିକ, ଦେବୀ ପ୍ରସାଦ ମିଶ୍ର, ମହମ୍ମଦ ମୋକିମ, ପ୍ରଶାନ୍ତ ବେହେରା, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ସିଡିଏମ୍‌ଓ ସତ୍ୟବ୍ରତ ଛୋଟରାୟ, ବି. ଯୁଗଳ କିଶୋର, ଅମ୍ବର କର ପ୍ରମୁଖ ଯୋଗଦେଇଥିଲେ।

### ସାମାଜିକ କର୍ମୀ ନକୁଳ ଚନ୍ଦ୍ର ରାଉତଙ୍କ ପରଲୋକ

**କଟକ ଅଫିସ, ୧୯।୫:**ଅବସରପ୍ରାପ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ତଥା ସାମାଜିକ କର୍ମୀ ନକୁଳ ଚନ୍ଦ୍ର ରାଉତ (୯୪)ଙ୍କ ମଙ୍ଗଳବାର ରାତିରେ କଟକ ମହାନଦୀବିହାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଖାନ୍‌ନଗରସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଭାନୁପ୍ରତାପ ମୁଖାଗ୍ନି ଦେଇଥିଲେ। କେନ୍ଦୁଝର ଜିଲା ଘଟଗାଁ ଗ୍ରାମରେ ୧୯୨୮ ଏପ୍ରିଲ ୬ ତାରିଖରେ ରାଉତ ଜନ୍ମଗ୍ରହଣ କରିଥିଲେ। ସରକାରୀ ଚାକିରିରୁ ଅବସର ପରେ ସେ କଟକ ସହରର ବହୁ ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ହୋଇଥିଲେ।

### ଜେଏସ୍‌ପିଏଲ୍ ପକ୍ଷରୁ ଅକ୍ସିଜେନ ଟ୍ୟାଙ୍କର ଯୋଗାଣ

**ଭୁବନେଶ୍ୱର,୧୯।୫:**କୋଭିଡ୍-୧୯ ମହାମାରୀ ମୁକାବିଲାରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବା ନିମନ୍ତେ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିଃ (ଜେଏସ୍‌ପିଏଲ୍) ପକ୍ଷରୁ ଦୁଇଟି କ୍ରାଓଜେନିକ ଟ୍ୟାଙ୍କର ଯୋଗାଇ ଦିଆଯାଇଛି। କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ତରଳ ମେଡିକାଲ ଅକ୍ସିଜେନ ପରିବହନ ପାଇଁ ଏହି ଟ୍ୟାଙ୍କର ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବହାର କରାଯିବ। ନିକଟରେ ରାଜ୍ୟରେ ଥିବା ଶିଳ୍ପାନୁଷ୍ଠାନ ଏବଂ ସରକାରଙ୍କର ବରିଷ୍ଠ ଅଧିକାରୀମାନଙ୍କ ବୈଠକରେ କୋଭିଡ୍-୧୯ ମହାମାରୀର ମୁକାବିଲା ନିମନ୍ତେ ସହଯୋଗ କରିବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହାର ସପ୍ତାହେ ମଧ୍ୟରେ ଜେଏସ୍‌ପିଏଲ୍ ଅଧକ୍ଷ ନବୀନ ଜିନ୍ଦଲଙ୍କ ଉଦ୍ୟମରେ କମ୍ପାନୀ ପକ୍ଷରୁ ଦୁଇଟି ଅକ୍ସିଜେନ ଟ୍ୟାଙ୍କର ବ୍ୟବସ୍ଥା କରାଯାଇ ରାଜ୍ୟ ସରକାରଙ୍କୁ ଯୋଗାଇ ଦିଆଯାଇଛି। ସେହିଭଳି ଜେଏସ୍‌ପିଏଲ୍ ଏହାର ଅନୁଗୋଳସ୍ଥିତ ମେଗା ଇସ୍ପାତ କାରଖାନାରୁ ଗତ ଏପ୍ରିଲରୁ ତରଳ ମେଡିକାଲ ଅମ୍ଳଜାନ (ଏଲ୍‌ଏମ୍‌ଓ) ଦେଶର ବିଭିନ୍ନ ରାଜ୍ୟକୁ ଯୋଗାଇ ଦେଇଆସୁଛି। ଦେଶର ବିଭିନ୍ନ ଡାକ୍ତରଖାନାକୁ ପ୍ରତିଦିନ ପ୍ରାୟ ୧୦୦ ଟନ ତରଳ ମେଡିକାଲ ଅମ୍ଳଜାନ ଜେଏସ୍‌ପିଏଲ୍ ପକ୍ଷରୁ ଟ୍ୟାଙ୍କର ଯୋଗେ ପଠାଯାଉଛି।

# ନାମ ପଞ୍ଜୀକରଣ ପରେ ବି ମିଳୁନି ଟିକା

**କଟକ ଅଫିସ, ୧୯।୫**



ନୂଆବଜାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେବା ପାଇଁ ଲୋକଙ୍କ ଗହଳି।

କଟକ ସହରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କରୋନା କବଳରୁ ରକ୍ଷା ପାଇବା ପାଇଁ ଟିକା ନେବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ବଢିବାରେ ଲାଗିଛି। ବର୍ତ୍ତମାନ ସହରର ୧୯ଟି ଟିକାକରଣ କେନ୍ଦ୍ରରେ ଟିକାଦାନ ଚାଲିଛି। ସେଥିମଧ୍ୟରୁ କେତେକ କେନ୍ଦ୍ରରେ ଟିକାକରଣ ବ୍ୟବସ୍ଥିତ ଭାବେ ଚାଲିଥିବାବେଳେ ଅନ୍ୟ କେନ୍ଦ୍ରଗୁଡିକରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଭିନ୍ନ କେନ୍ଦ୍ରରେ ଟିକା ନେବା ପାଇଁ ଗହଳି ଲାଗୁଥିବାବେଳେ ଲୋକମାନେ ସାମାଜିକ ଦୂରତା ରଖୁ ନ ଥିବା ଦେଖିବାକୁ ମିଳୁଛି। ଟିକା ନେବା ପାଇଁ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିବା ବାଧ୍ୟତାମୂଳକ ରହିଛି। କେତେକ ସ୍ଥାନରେ ନାମ ପଞ୍ଜୀକରଣ ପାଇଁ ବସ୍ତି ଲୋକଙ୍କ ପାଖରେ ଆଣ୍ଡ୍ରୋଏଡ୍ ମୋବାଇଲ ଫୋନ୍ ନ ଥିବାବେଳେ ଆଉ କେତେକ ସ୍ଥାନରେ ଅନ୍‌ଲାଇନ୍ ବ୍ୟବସ୍ଥା ସମ୍ପର୍କରେ ଲୋକେ ଜାଣିପାରୁନାହାନ୍ତି। ଏପରି କି ଅନେକ ସ୍ଥାନରେ ନାମ ପଞ୍ଜୀକରଣ କରି ମଧ ଲୋକଙ୍କୁ ଟିକା ମିଳୁ ନ ଥିବା ଅଭିଯୋଗ ହୋଇଛି। ନୂଆବଜାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣକୁ ନେଇ ବୁଧବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଟିକା ନେବା ପାଇଁ ଲୋକମାନେ ନାମ

- ଟିକାକେନ୍ଦ୍ରରେ ରହୁନି ସାମାଜିକ ଦୂରତା
- ବେସରକାରୀ ଟିକାଦାନ କେନ୍ଦ୍ର ବନ୍ଦ ରହିଛି

ପଞ୍ଜୀକରଣ କରିଥିଲେ। ସେମାନଙ୍କ ମୋବାଇଲକୁ ମେସେଜ୍ ଆସିଥିଲେ ମଧ ସେଥିମଧ୍ୟରୁ ଅଧିକାଂଶ ଲୋକଙ୍କୁ ଟିକା ମିଳି ନ ଥିଲା। ଦୀର୍ଘ ସମୟ ଧରି ଛିଡା ହେବା ପରେ ସେମାନଙ୍କୁ ନିରାଶ ହୋଇ ଘରକୁ ଫେରିବାକୁ ପଡିଥିଲା। ଏହାକୁ ନେଇ ସେମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେବା ପାଇଁ ଲୋକଙ୍କ ଭିଡ ଲାଗିଥିଲା। ବର୍ତ୍ତମାନ ବେସରକାରୀ ଟିକାକେନ୍ଦ୍ରରେ ଟିକାଦାନ ବନ୍ଦ ରହିଛି। ହେଲେ ପଞ୍ଜୀକରଣ କରୁଥିବା ଲୋକମାନଙ୍କୁ ବେସରକାରୀ ଟିକାକେନ୍ଦ୍ରରେ ଟିକା ନେବା ପାଇଁ ମେସେଜ ଆସୁଛି। ଏଭଳି ଭାବେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏବାବଦରେ କୋଭିଡ୍ ନୋଡାଲ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ସିଟି ହସ୍ପିଟାଲରେ ଲୋକମାନେ କରୋନା ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଥିଲା। ସେଠାରେ ଲୋକମାନେ ସାମାଜିକ ଦୂରତା ରକ୍ଷା ନ କରି ଏକତ୍ରିତ ଛିଡା ହୋଇଥିଲେ। ଏପରି କି କେତେଜଣ ହାତରେ ମାସ୍କ ଧରି ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଟିକାକେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ଦେଖାଦେଇଥିଲେ ମଧ ହସ୍ପିଟାଲରେ କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଏପରିକି ସିକ୍ୟୁରିଟି ଗାର୍ଡ କିମ୍ବା ପୋଲିସକୁ ମେଡିକାଲ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଏପରି ସ୍ଥଳେ ଲୋକେ ଟିକା ନେବା ପରିବର୍ତ୍ତେ କରୋନାରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି ବୋଲି ସେଠାରେ ଉପସ୍ଥିତ ଥିବା ଲୋକମାନେ ମତପ୍ରକାଶ କରିଛନ୍ତି। ଏ ନେଇ ସିଟି ହସ୍ପିଟାଲ ଅଧୀକ୍ଷକ ସୁଧାଂଶୁ ଗିରିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



କଟକ ରେଳଷ୍ଟେଶନଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବୁଧବାର ବଣ୍ଟାଯାଉଥିବା ରନ୍ଧାଖାଦ୍ୟ ପୁଡିଆ ସଂଗ୍ରହ ପାଇଁ ଲୋକଙ୍କ ଲମ୍ବାଧାଡି।

### ୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରୋନା ପରିଚାଳନାର ସମୀକ୍ଷା

**ବାଙ୍କୀ,୧୯।୫ (ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ବୁଧବାର କଟକ ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଲୋକନାଥ ପାତ୍ର ସମୀକ୍ଷା କରିଥିଲେ। ପୃଥକ୍ ଭାବେ ଡମପଡ଼ା ଓ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସଙ୍ଗରୋଧରେ ଥିବା କରୋନା ଆକ୍ରାନ୍ତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଡାକ୍ତର ପାତ୍ର ପଚାରି ବୁଝିଥିଲେ। ଗ୍ରାମଗୁଡିକରେ ଅଧିକ ସଂଖ୍ୟାରେ ସ୍ୱାବ ସଂଗ୍ରହ କରାଯିବା, ଅନ୍‌ଲାଇନ୍ ମାଧ୍ୟମରେ ଗ୍ରାମାଞ୍ଚଳରେ ଟିକାକରଣ ଓ ଲକ୍ଷଣଯୁକ୍ତ ବ୍ୟକ୍ତିମାନଙ୍କର ତୁରନ୍ତ ସ୍ୱାବ ପରୀକ୍ଷା ସହ ଚିକିତ୍ସା ବ୍ୟବସ୍ଥା କରିବା, ଆକ୍ରାନ୍ତ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟରେ ଅବନତି ଘଟିଲେ ସେମାନଙ୍କୁ ନିକଟସ୍ଥ କୋଭିଡ୍ କେୟାର ସେଣ୍ଟରକୁ ତୁରନ୍ତ ପଠାଇବାର ବ୍ୟବସ୍ଥା କରାଇବା ସହ କରୋନାରେ ଯେପରି କାହାର ମୃତ୍ୟୁ ନ ଘଟେ, ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱଜିତ ପଣ୍ଡା, ଡା. ଜେ.ବି. ପାଣି, ପ୍ରକଳ୍ପ ଅଧିକାରୀ ଅପର୍ଣ୍ଣା ମହାପାତ୍ର, ଜନସମ୍ପ୍ରସାରଣ ଅଧିକାରୀ ଶାନ୍ତିଲତା ଦେଇ ଓ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେଶ ସାହୁ, ଡା. କିରଣବାଳା ମହାନ୍ତି, ଡା. ସୁଜାତା ମହାପାତ୍ର, ଡା. କନେଜା ଫାତେମା, ଡା. ଦିଲୀପ୍ ମନ୍ତ୍ରୀ, ଡା. ସୁଧାଂଶୁ ଶେଖର ପଣ୍ଡା, ପ୍ରଦୀପ୍ କୁମାର ସାହୁ, ବିପିଏମ୍ ସଙ୍ଗୀତା ଦାଶ, ସୁପରଭାଇଜର ମାନଭଞ୍ଜନ ଦଳେଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସ୍ୱାସ୍ଥ୍ୟକର୍ମୀ, ଖବରଦାତାଙ୍କୁ ସଚେତନତା

**ମନ୍ତ୍ରୀ ବାଣ୍ଟିଲେ ସ୍ୱାସ୍ଥ୍ୟ ଉପକରଣ**

**ତିଗିରିଆ,୧୯।୫(ଡି.ଏନ.ଏ.)**



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଶା କର୍ମୀ ଓ ଅନ୍ୟମାନଙ୍କୁ ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ କରିଛନ୍ତି।

ତିଗିରିଆ ବ୍ଲକ ଅଞ୍ଚଳରେ କରୋନାର ଦ୍ୱିତୀୟ ଲହରରେ ଦିନକୁଦିନ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ନଜରରେ ରଖି ବୁଧବାର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ୱାସ୍ଥ୍ୟକର୍ମୀ ଓ ଖବରଦାତାମାନଙ୍କୁ ସଚେତନ କରିବା ସହ ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ କରିଛନ୍ତି। ଏଥିରେ ଅକ୍ସିମିଟର, ଥର୍ମାଲ ସ୍କାନର, ଡିଜିଟାଲ ଥର୍ମୋମିଟର, ମାସ୍କ, ସାନିଟାଇଜର ଇତ୍ୟାଦି ଦିଆଯାଇଛି। ଏହାକୁ ତିଗିରିଆ ବ୍ଲକ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୂପା ଦଳେଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିଗିରିଆ ବିଡିଓ ଦୀପ୍ତିମୟୀ ବେହେରା, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱବିକାଶ ରାଉତରାୟ, ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡା, ବ୍ଲକ ଆମ୍ବା ଅଧକ୍ଷ ହରେନ୍ଦ୍ର ଦଳେଇ, ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ତ୍ରିଲୋଚନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର, ୧୪ ପଞ୍ଚାୟତର ସରପଞ୍ଚ ଓ ସହଯୋଗ ପାଇଁ କେତେଜଣ ଖବରଦାତାଙ୍କୁ ଏହି ଉପକରଣ ପ୍ରଦାନ କରାଯାଇଥିଲା।

# ବିସ୍ଥାପିତଙ୍କୁ ବାସଗୃହ, ଖାଦ୍ୟ, ଚିକିତ୍ସା ଯୋଗାଇଦିଅ

**କଟକ ଜିଲାପାଳ, ସିଏମ୍‌ସି କମିଶନରଙ୍କୁ ଓଏଚ୍‌ଆରସିଙ୍କ ନିର୍ଦ୍ଦେଶ**

**କଟକ ଅଫିସ/ ଭୁବନେଶ୍ୱର(ବ୍ୟୁରୋ),୧୯।୫**

କଟକ ନୂଆପଡା ବାଲିସାହିଠାରେ ଥିବା ବିସ୍ଥାପିତଙ୍କୁ ତୁରନ୍ତ ବାସଗୃହ, ଖାଦ୍ୟ ଓ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ କଟକ ଜିଲାପାଳ ଓ କଟକ ମହାନଗର ନିଗମ (ସିଏମ୍‌ସି) କମିଶନରଙ୍କୁ ବୁଧବାର ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍‌ଆରସି) ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଜୁନ୍ ୨୨ରେ ଏହାର ପରବର୍ତ୍ତୀ ଶୁଣାଣି ରହିଛି। ଏହି ସମୟ ମଧ୍ୟରେ ଉପରୋକ୍ତ ପ୍ରଶାସନିକ ଅଧିକାରୀ ଦ୍ୱୟ ସବିଶେଷ ତଥ୍ୟ ପ୍ରଦାନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧକ୍ଷ ମନୋଜ ଜେନାଙ୍କ ଅଭିଯୋଗର ଶୁଣାଣି କରି ବୁଧବାର ଓଏଚ୍‌ଆରସି ଏହି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉ କି, କଟକ ସହର ଭିତରେ ରାସ୍ତା ସମ୍ପ୍ରସାରଣ ପାଇଁ ୬୦୦ରୁ ଊର୍ଦ୍ଧ୍ୱ ପରିବାରକୁ ବିଭିନ୍ନ ବସ୍ତିରୁ ବିସ୍ଥାପିତ କରାଯାଇ ପଲିଥିନ ତଳେ ଆଶ୍ରୟ ଦିଆଯାଇଥିଲା । ଗତ ୧୧ ତାରିଖରେ ପ୍ରବଳ ଝଡବର୍ଷା ହେବାରୁ ସେମାନଙ୍କର ଅବସ୍ଥା ଆହୁରି ଦୟନୀୟ ହୋଇଯାଇଥିଲା। କରୋନା ମହାମାରୀ ଯୋଗୁ ସେମାନଙ୍କର ଜୀବିକା ଚାଲିଯାଇଛି। ପ୍ରଶାସନ ବିକଳ୍ପ ବ୍ୟବସ୍ଥା ନ କରି ତରବରିଆ ଭାବେ ବିସ୍ଥାପିତ କରିବା ଫଳରେ ତାଙ୍କର ବଞ୍ଚିବାର ରାହା ଚାଲିଯାଇଥିଲା। ସେମାନେ ପ୍ରଶାସନର ଏତାଦୃଶ ଅମାନବୀୟ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବାରୁ ପୋଲିସ ୬୭ ଜଣଙ୍କୁ ଗିରଫ କରି ଜେଲ ପଠାଇ ଦେଇଥିଲେ, ଯାହାକି ମାନବାଧିକାରର ଘୋର ଉଲ୍ଲଂଘନ ଅଟେ। ଏହା ବିପକ୍ଷରେ ଅଭିଯୋଗକାରୀ ଆୟୋଗଙ୍କୁ ଲିଖିତ ଅଭିଯୋଗ କରି ତୁରନ୍ତ ଉକ୍ତ ଗରିବ ବିସ୍ଥାପିତଙ୍କୁ ବାସଗୃହ, ଖାଦ୍ୟ ଓ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏଥିସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସମସ୍ତ ମକଦ୍ଦମାକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ।

### ବସ୍ତିବାସିନ୍ଦାଙ୍କ ଉପରେ ଦମନଲୀଳା ବନ୍ଦ ହେଉ

**ଭୁବନେଶ୍ୱର,୧୯।୫**

କଟକ ବାଲିସାହିରେ ଥିବା ବିସ୍ଥାପିତ ବସ୍ତିବାସିନ୍ଦାଙ୍କ ଉପରେ ଦମନ ଲୀଳା ବନ୍ଦ କରାଯାଉ। ୨୪ ଘଣ୍ଟା ମଧ୍ୟରେ ପଦକ୍ଷେପ ନ ନେଲେ ମା'ଘର ସଦସ୍ୟାମାନେ ଧାରଣାରେ ବସିବା ସହ ଆଇନର ଆଶ୍ରୟ ନିଆଯିବ ବୋଲି ସାମାଜିକ କର୍ମୀ ଋତୁପର୍ଣ୍ଣା ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଭୋକିଲା ବାସଗୃହହୀନ ମଣିଷମାନଙ୍କର ଆକ୍ରୋଶର କାରଣ ନ ବୁଝି ସେମାନଙ୍କୁ ଦମନ କରିବାର ଚେଷ୍ଟାକରି ୬୭ ବସ୍ତିବାସିନ୍ଦାଙ୍କୁ ଗିରଫ କରାଯାଇଛି। କୋଭିଡ୍ କଟକଣାକୁ ପଛରେ ପକାଇ ନିରୀହ ବସ୍ତିବାସିନ୍ଦାଙ୍କୁ ଗିରଫ କରି ସରକାରୀ ଅଧିକାରୀମାନେ କେଉଁ ଶାସନ ବ୍ୟବସ୍ଥାର ଉଦାହରଣ ସୃଷ୍ଟି କରିବାକୁ ଚାହୁଁଛନ୍ତି। ଏଭଳି ବିଭିନ୍ନ ଘଟଣାକୁ ମା' ଘର ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ୨୪ ଘଣ୍ଟା ମଧ୍ୟରେ କୌଣସି ସ୍କୁଲ କଲେଜ ବା କମ୍ୟୁନିଟି ସେଣ୍ଟରରେ ଏହି ପରିବାରଗୁଡିକୁ ସୁରକ୍ଷିତ ଗୃହ ଯୋଗାଇବା ଯାଏ ଥଇଥାନ କରାଯାଉ ବୋଲି ମା'ଘର ପକ୍ଷରୁ ଦାବି କରାଯାଇଛି। ସେହିଭଳି ସେମାନଙ୍କ ଲାଗି ୩୬୫ ଦିନ ଖାଦ୍ୟ ବ୍ୟବସ୍ଥା ସହ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ବୟସ୍କଙ୍କ ପାଇଁ ସୁଷମ ଖାଦ୍ୟର ବ୍ୟବସ୍ଥା, ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ବ୍ୟବସ୍ଥା, ଗିରଫ ହୋଇଥିବା ଲୋକଙ୍କୁ ଖଲାସ କରି ମାମଲା ପ୍ରତ୍ୟାହାର ପାଇଁ ଦାବିରେ କୁହାଯାଇଛି। ଲୋକମାନଙ୍କ ପ୍ରତି ଏଭଳି ଅମାନବୀୟ ବ୍ୟବହାର କଲେ ଏହା ବିରୋଧରେ ଧାରଣା ଦିଆଯିବା ସହ କୋର୍ଟର ଦ୍ୱାରସ୍ଥ ହେବାକୁ ମା'ଘର ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପକରି ଲୋକଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଦାବି କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱକଲ୍ୟାଣ



@ ସମୀର



@ ମହମ୍ମଦ ସଦ୍ଦିକ୍



@ ରାଜକିଶୋର



@ ସୁଧାଂଶୁ



@ ଆକାଶ



@ ଦୀପକ

### ସାହିତ୍ୟିକ ଡା. ନିମାଇଁ ଚରଣ ପଣ୍ଡାଙ୍କ ପରଲୋକ

**କଟକ ଅଫିସ, ୧୯।୫**



ସାହିତ୍ୟିକ ପ୍ରଫେସର ଡା. ନିମାଇଁ ଚରଣ ପଣ୍ଡା (୮୮)ଙ୍କ କଟକ ବଜ୍ରକବାଟିସ୍ଥିତ ବାସଭବନରେ ବୁଧବାର ଅପରାହ୍ନରେ ପରଲୋକ ଘଟିଛି। କଟକ ସ୍ୱର୍ଗଧାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ଅଶ୍ୱିନୀ ମୁଖାଗ୍ନି ଦେଇଥିଲେ।

୧୯୩୩ରେ ଜଗତ୍‌ସିଂହପୁର ଜିଲା ସୁଜାଉଦ୍ଦିନନଗର ପାଟଣା ଗ୍ରାମରେ ନିମାଇଁ ଚରଣ ଜନ୍ମଗ୍ରହଣ କରିଥିଲେ। ୧୯୬୪ରେ ଜୀବରସାୟନ ବିଜ୍ଞାନରେ ଅଧାପକ ଭାବେ ଏସ୍‌ସିବି ମହାବିଦ୍ୟାଳୟରେ ଯୋଗଦେଇଥିଲେ। ପରେ ଡିଏମ୍‌ଇଟି ଓ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଭାବେ ଯୋଗଦେଇ ୧୯୯୧ରେ ଅବସର ଗ୍ରହଣ କରିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି, ଓଡ଼ିଶା ବିଜ୍ଞାନ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସମ୍ମାନ, ଗୋଦାବରୀଶ ସାରସ୍ୱତ ସମ୍ମାନ, ଉତ୍କଳ ସାହିତ୍ୟ ସମାଜର ଜୀବନୀ ସମ୍ମାନ ଓ ଉତ୍କଳ ସାହିତ୍ୟ କଳା ପରିଷଦର 'ବିଜ୍ଞାନଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଡାକ୍ତର ପଣ୍ଡାଙ୍କ ଲିଖିତ କବିତା ସମଗ୍ର, ମଧୁମେହ, ଜୀବନଦର୍ଶନ, ଜୀବନ ଜିଜ୍ଞାସା, ଜୀବନଗାଥା ଆଦି ଓଡ଼ିଆ ସାହିତ୍ୟର ଅମୂଲ୍ୟ କୃତି। ପଣ୍ଡାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ମେ, ୨୦୨୧

**୬ ସେବାୟତ କରୋନା ଆକ୍ରାନ୍ତ**
ପୁରୀ ଅଫିସ : ଶ୍ରୀମନ୍ଦିରରେ ବୁଧବାର ୬ ଜଣ ସେବାୟତ କରୋନାରେ ଆକ୍ରାନ୍ତ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କ ମଧ୍ୟରୁ ଦୁଇଜଣ ରଥ ନିର୍ମାଣରେ ନିୟୋଜିତ ଥିବା ମହାରଣା ସେବକ ବୋଲି ଜଣାପଡ଼ିଛି। କରୋନା ଆକ୍ରାନ୍ତ ସେବକମାନଙ୍କୁ ନୀଳାଚଳ ଭକ୍ତନିବାସ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଉଛି। କରୋନା କାରଣରୁ ଯେପରି ମହାପ୍ରଭୁଙ୍କ ରଥ ନିର୍ମାଣରେ କୋଣସି ବାଧା ନ ଉପୁଜିବ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯେଉଁ ସେବାୟତମାନେ ଚନ୍ଦନଯାତ୍ରା ଓ ରଥ ନିର୍ମାଣରେ ନିୟୋଜିତ ରହିବେ ସେମାନଙ୍କର ପର୍ଯ୍ୟାୟ କ୍ରମେ କୋଭିଡ ଟେଷ୍ଟ କରାଯାଉଛି।



## ସଂକ୍ଷେପରେ



୧୯.୦୫.୨୦୨୧
୧୦୪୭ ଟଙ୍କା

### ୪୦୦ଜଣଙ୍କୁ ଟିକା ପ୍ରଦାନ

କଣାସ,୧୯।୫(ସ୍ୱ.ପ୍ର.)- ପୁରୀ ଜିଲା କଣାସ ବ୍ଲକରେ ୨ଦିନ ହେଲା ୪୫ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଟିକା ପ୍ରଦାନ କରାଯାଇଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ୨ଶହ ଜଣଙ୍କୁ ଓ ବୁଧବାର ୨ଶହ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଏଥିପାଇଁ ଦୁଇଦିନ ହେଲା ବିଦ୍ୟାଳୟରେ ଟିକା ନେବାପାଇଁ ପ୍ରବଳ ଭିଡ଼ ଲାଗିରହିଥିଲା। ଏପରିକି କରୋନା କଟକଣା ଲୋକମାନେ ଭଙ୍ଗ କରୁଥିବା ଦେଖିବାକୁ ମିଳିଥିଲା। କଟକଣା ମାନି ଟିକା ନେବା ପାଇଁ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା ଏବଂ କଣାସ ଥାନା ଆଇଆଇସି ତପନ ରାଉତ ଜନସାଧାରଣଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ ମଧ ଟିକା କମ୍ ଆସିଥିବାରୁ ଲୋକମାନେ କିପରି ଟିକା ଆଗ ନେବେ ସେଥିପାଇଁ ଭିଡ଼ ଜମାଇଥିଲେ। ବହୁ ବ୍ୟକ୍ତି ଟିକା ନେବା ପାଇଁ ଅପେକ୍ଷା କରିଥିବାରୁ ତୁରନ୍ତ ଆବଶ୍ୟକ ମୁତାବକ ଟିକା ଯୋଗାଇଦେବା ପାଇଁ ଜନସାଧାରଣରେ ଦାବି ହେଉଛି।

### ମର୍ଣ୍ଣିଂୱାକ୍‌ରେ ଯାଇ ବୃଦ୍ଧ ନିଖୋଜ

ପିପିଲି,୧୯।୫(ସ୍ୱ.ପ୍ର.): ପିପିଲି ନିକଟ ଡିହସାହି ଗ୍ରାମର କେଳୁଚରଣ ସ୍ୱାଇଁ(୭୫) ବୁଧବାର ସକାଳୁ ମର୍ଣ୍ଣିଂୱାକ୍‌କୁ ଯାଇ ନିଖୋଜ ହୋଇଥିବା ନେଇ ତାଙ୍କ ସାନ ପୁଅ ନିଗମାନନ୍ଦ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ ତାଙ୍କ ବାପା ମର୍ଣ୍ଣିଂୱାକ୍‌ରେ ଯାଇଥିଲେ। ଦୀର୍ଘ ସମୟ ହୋଇଯାଇଥିଲେ ମଧ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକ, ସାହିପଡ଼ୋଶୀ ଖୋଜାଖୋଜି କରି ନିରାଶ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। କେଳୁଚରଣ ସାବନା ବର୍ଣ୍ଣ ହୋଇଥିବାବେଳେ ହଳଦିଆ ରଙ୍ଗର ଗାମୁଛା ପିନ୍ଧିବା ସହ ଆଉ ଏକ ହଳଦିଆ ରଙ୍ଗର ଗାମୁଛା କାନ୍ଧରେ ପକାଇ ଧଳା ରଙ୍ଗର ଗଞ୍ଜି ପିନ୍ଧିଥିଲେ। କେଳୁଚରଣଙ୍କ ନିଖୋଜ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ସୋସିଆଲ ମିଡିଆରେ ନିବେଦନ କରାଯାଇଥିବା ବେଳେ କୌଣସି ସହୃଦୟ ବ୍ୟକ୍ତି ଦେଖିଲେ ପିପିଲି ଥାନାକୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

### ବ୍ୟାଙ୍କ ଆଗରେ ଭିଡ଼

ବ୍ରହ୍ମଗିରି,୧୯।୫(ଡି.ଏନ୍.ଏ.): କରୋନା ସଂକ୍ରମଣକୁ ରୋକିବା ପାଇଁ ସରକାର ସାମାଜିକ ଦୂରତ୍ୱ ରକ୍ଷା କରିବା ସହିତ ଜନସମାଗମ ଉପରେ ରୋକ ଲଗାଯାଇଛି। କିନ୍ତୁ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଖଜୁରିଆସ୍ଥିତ ୟୁନିୟନ ବ୍ୟାଙ୍କରେ ଏହି କଟକଣାକୁ ସମ୍ପୂର୍ଣ୍ଣ ବେଖାତିର କରାଯାଉଥିବା ଦେଖିବାକୁ ମିଳିଛି। ଟଙ୍କା ଉଠାଣକୁ ନେଇ ଏହି ବ୍ୟାଙ୍କରେ ଅସମ୍ଭାଳ ଭିଡ଼ ହେଉଛି। କରୋନା କଟକଣା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି ବ୍ୟବସ୍ଥା ମଧ ଗ୍ରହଣ କରାଯାଇ ନାହିଁ। ବର୍ତ୍ତମାନ ଖରା ଓ ଗୁଳୁଗୁଳି ହେଉଥିଲେ ମଧ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

### ୨ ଆଇଆଇସିଙ୍କୁ ସମ୍ବର୍ଦ୍ଧନା

ପିପିଲି,୧୯।୫(ଡି.ଏନ୍.ଏ.): ପିପିଲି ଥାନା ପରିସରରେ ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ସଭାପତିତ୍ୱରେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଠାରେ କାର୍ଯ୍ୟ କରୁଥିବା ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟିଙ୍କର ଅରଖକୁଦ ଥାନାକୁ ବଦଳି ହେବା ଏବଂ ତାଙ୍କ ସ୍ଥାନରେ ଚନ୍ଦନପୁର୍ ଆଇଆଇସି ଅଭିମନ୍ୟୁ ନାୟକ ପିପିଲି ଥାନାରେ ଯୋଗ ଦେବା ଅବସରରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏସ୍‌ଆଇ ସଂଘମିତ୍ରା ଚାନ୍ଦ, ସୁରମା ସ୍ୱାଇଁ, ସନ୍ଦୀପ ଦାସ ଏବଂ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଆଇଆଇସି ପୃଷ୍ଟିଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ଅନ୍ୟପଟେ ନୂତନ ଭାବେ ଯୋଗଦେଇଥିବା ଆଇଆଇସି ଅଭିମନ୍ୟୁ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

# ଶବଦାହକୁ ନେଇ ଗୋଷ୍ଠୀ ସଂଘର୍ଷ


ପୋଡ଼ି ଦିଆଯାଇଥିବା ଔଷଧ ଦୋକାନ।


ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଟେକାପଥର ମାଡ଼ ଚାଲିଛି।

ଅସ୍ତରଙ୍ଗ, ୧୯।୫

- ଟେକା ଓ କାଚବୋତଲ ମାଡ଼, ଭଙ୍ଗାରୁଜା ସହ ଦୋକାନ ପୋଡ଼ି
- ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ, ପୋଲିସ ଫୋର୍ସ ମୁତୟନ

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ନଗର ପଞ୍ଚାୟତର ଦିନାଡ଼ିଆ ଗ୍ରାମରେ ମୃତଦେହ ଦାହକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଦିନାଡ଼ିଆ ଓ ନୂଆ କାଳିଆକଣ ଗାଁ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହ ଉଭୟ ପକ୍ଷ ଟେକା ଓ କାଚବୋତଲ ମାଡ଼, ଦୋକାନ ପୋଡ଼ି ଏବଂ ଭଙ୍ଗାରୁଜା କରିଛନ୍ତି। ଉଭୟ ପକ୍ଷର ଅନେକ ବ୍ୟକ୍ତି ଆହତ ହୋଇଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଉକ୍ତ ୨ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ଦିନାଡିଆ ଗ୍ରାମର ପୂର୍ଣ୍ଣାନନ୍ଦ ବେହେରା(୮୬)ଙ୍କର ମଙ୍ଗଳବାର ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହକୁ ସଂସ୍କାର ପାଇଁ ନୂଆ କାଳିଆକଣ ଗ୍ରାମ ଶ୍ମଶାନକୁ ନିଆଯିବାବେଳେ ଏହି ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅସ୍ତରଙ୍ଗ ଥାନା ଆଇଆଇସି, କାକଟପୁର ଥାନା ଆଇଆଇସି, ନିମାପଡ଼ା ଏସ୍‌ଡିପିଓ ପ୍ରମୁଖ ପୋଲିସ ଫୋର୍ସ ସହ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହାସତ୍ତ୍ୱେ ନୂଆକାଳିଆକଣ ଗ୍ରାମବାସୀ ଜିଦ୍‌ରୁ ଓହରି ନ ଥିଲେ। ସେମାନେ ରାତି ପ୍ରାୟ ୧୨ଟାରେ ରାସ୍ତା ଉପରେ ମୃତଦେହ ଦାହ କରିଥିଲେ। ବୁଧବାର ପୁଣି ଦିନାଡ଼ିଆ ଗାଁରେ ଆଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଶବ ସତ୍କାରକୁ ନେଇ ପରିସ୍ଥିତି ସଙ୍ଗିନ ହୋଇପଡ଼ିଥିଲା। ଶ୍ମଶାନକୁ ଆସିବା ପୂର୍ବରୁ ନୂଆ କାଳିଆକଣ ଗ୍ରାମବାସୀ ଦିନାଡିଆ ଗ୍ରାମବାସୀଙ୍କ ଦୋକାନ ଭଙ୍ଗାରୁଜା କରିବା ସହ ଟେକା ଓ କାଚବୋତଲ ମାଡ଼ କରିଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଆୟତ୍ତ କରିଥିଲା। କ୍ରୀଡ଼ାମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ ଗ୍ରାମରେ ଏହି ଘଟଣା ଘଟିଥିବାବେଳେ ତୁରନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି।


ଚନ୍ଦନଯାତ୍ରାର ୫ମ ଦିନ ବୁଧବାର ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ପଞ୍ଚପାଣ୍ଡବ ଚାପ ଖେଳୁଛନ୍ତି।

## ଆଜି ମଙ୍ଗଳପୁର, ପିପିଲିରେ ଟିକାକରଣ

ପିପିଲି,୧୯।୫(ଡି.ଏନ୍.ଏ.)

ପିପିଲି ହାଇସ୍କୁଲରେ ଗୁରୁବାର ୩୦୦ ଓ ମଙ୍ଗଳପୁରସ୍ଥିତ ପଦ୍ମାବତୀ ହାଇସ୍କୁଲରେ ୨୦୦ଜଣଙ୍କୁ କରୋନା ଟିକା ଦିଆଯିବ ବୋଲି ମଙ୍ଗଳପୁର ମେଡିକାଲ ଅଫିସର ବିନୟ କୁମାର ପଣ୍ଡା ସୂଚନା ଦେଇଛନ୍ତି। ମୁଖ୍ୟତଃ ଆଶା କର୍ମୀ, ଆଗ ଧାଡ଼ିର ଯୋଦ୍ଧା ଏବଂ ୪୫ ବର୍ଷରୁ ଅଧିକ ଲୋକେ ଟିକା ନେଇପାରିବେ। ଟିକାକରଣ ପାଇଁ ଟୋକନ ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ଡୋଜ ଟିକା ନେବାକୁ ଥିବା ବ୍ୟକ୍ତିମାନେ ୮୪ ଦିନ ଭିତରେ ନେଇ ପାରିବେ ବୋଲି କୁହାଯାଇଛି।

## ଦିବ୍ୟାଙ୍ଗଙ୍କ ନିମନ୍ତେ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା

ପୁରୀ ଅଫିସ, ୧୯।୫

ଟିକାକରଣ କେନ୍ଦ୍ରଗୁଡ଼ିକରେ ଟିକା ନେବା ପାଇଁ ପ୍ରବଳ ଭିଡ଼ ହେଉଛି। ଫଳରେ ବୟସ୍କ ଓ ଦିବ୍ୟାଙ୍ଗ ବ୍ୟକ୍ତି ଟିକା ନେବା ଲାଗି ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୀ ପୌରାଞ୍ଚଳରେ ବୟସ୍କ ଓ ଦିବ୍ୟାଙ୍ଗଙ୍କ କୋଭିଡ୍ ଟିକାକରଣ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ୭୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ୪୫ ବର୍ଷରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଘରକୁ ଯାଇ ପ୍ରଶାସନ ପକ୍ଷରୁ ଟିକାଦାନ କରାଯିବ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ନାମ ପଞ୍ଜୀକରଣ ପାଇଁ ଦୁଇଟି ଟୋଲ ଫ୍ରି ନମ୍ବର ପ୍ରଦାନ କରାଯାଇଛି। ଟୋଲ ଫ୍ରି ହ୍ୱାଟ୍‌ସଅପ୍ ନମ୍ବର +୯୧ ୬୩୭୨୭୨୩୪୧୫୮ ଏବଂ +୯୧ ୭୮୪୮୯୮୮୨୬୫ରେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ମଧ୍ୟରେ ନିଜ ନାମ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ସମୟରେ ହିତାଧିକାରୀ ନିଜ ଆଧାରକାର୍ଡ, ବୟସ ପ୍ରମାଣପତ୍ର ସହ ସମ୍ପୂର୍ଣ୍ଣ ଠିକଣା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନମ୍ବରରେ ପ୍ରଦାନ କରିବାକୁ କୁହାଯାଇଛି। ପୂର୍ବାହ୍ନ ୯ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୭୦ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏବଂ ୪୫ ବର୍ଷରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଘରକୁ ସ୍ୱାସ୍ଥ୍ୟକର୍ମୀମାନେ ଯାଇ ଟିକାକରଣ କରିବେ ବୋଲି ପ୍ରଶାସନ ସୂଚନା ଦେଇଛି।

## ହାଟରେ କଟକଣା ମାନୁନାହାନ୍ତି ଲୋକେ

କଣାସ/ବଳଙ୍ଗା, ୧୯।୫ (ସ୍ୱ.ପ୍ର./ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବା ପାଇଁ ସରକାର ଶଟ୍‌ଡାଉନ ଓ ଲକ୍‌ଡାଉନ ଘୋଷଣା କରିଥିବାବେଳେ ସୀମିତ ସମୟ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ଅନୁମତି ଦେଇଛନ୍ତି। ହେଲେ ପୁରୀ ଜିଲାର କଣାସ ଓ ବଳଙ୍ଗା ଅଞ୍ଚଳରେ ଏହି ସୀମିତ ସମୟ ମଧ୍ୟରେ ହାଟ, ବଜାରଗୁଡ଼ିକରେ ଲୋକଙ୍କ ଭିଡ଼ ରହୁଛି। କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ତହସିଲ କାର୍ଯ୍ୟାଳୟ ନିକଟ ପଶିଆପଡା ରାସ୍ତା ଓ ଦୋକନ୍ଦା ମେଳଣ ପଡିଆରେ ପୃଥକ ଭାବେ ବ୍ୟବସାୟୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ ହାଟରେ ଗ୍ରାହକ କିମ୍ବା ଦୋକାନ କେହି ବି ସାମାଜିକ ଦୂରତ୍ୱ ରଖୁ ନ ଥିବାବେଳେ ଠିକ୍ ଭାବେ ମାସ୍କ ମଧ ପିନ୍ଧୁ ନ ଥିବା ଦେଖିବାକୁ ମିଳୁଛି। ସେହିଭଳି ବଳଙ୍ଗା ବଜାର ମୁଖ୍ୟ ରାସ୍ତା ଓ ମେଳଣ ପଡ଼ିଆ ହାଟରେ କେହି ବି କୋଭିଡ୍ ଗାଇଡ୍‌ଲାଇନ ମାନୁ ନ ଥିବା ଦେଖିବାକୁ ମିଳିଛି। କୋଭିଡ ଯୋଗୁ ସାପ୍ତାହିକ ହାଟ ବିଦ୍ୟାଳୟ ଖେଳପଡିଆକୁ ସ୍ଥାନାନ୍ତର ଘୋଷଣା ହୋଇଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ପ୍ରଶାସନ ଭୟରେ ଚାଷୀମାନେ ହାଟକୁ ନ ଆସି ଖୁବ କମ୍ ମୂଲ୍ୟରେ ପନିପରିବା ବିକ୍ରି କରୁଥିବାରୁ ଭିଡ଼ ଲାଗିରହୁଛି। ପରିବା ହାଟରେ ଏଭଳି ଗହଳି ରହିଲେ ଗୋଷ୍ଠୀ ସଂକ୍ରମଣ ହେବାର ସମ୍ଭାବନା ରହିଛି। ତେଣୁ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି ହେଉଛି।

## ଖବରଦାତାଙ୍କୁ ପୋଲିସର ଆକ୍ରମଣକୁ ନିନ୍ଦା

ଡେଲାଙ୍ଗ,୧୯।୫ (ଡି.ଏନ୍.ଏ.)

ପୁରୀରେ ଧରିତ୍ରୀର ଖବରଦାତାଙ୍କୁ ପୋଲିସ ଆକ୍ରମଣ କରିବା ନେଇ ଡେଲାଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି । ଲକଡାଉନ ସମୟରେ ସାଧାରଣ ଲୋକଙ୍କ ଜୀବନ ଜୀବିକା ବାଜି ଲାଗିଛି । କରୋନା ମହାମାରୀର ଦ୍ୱିତିୟ ଲହର ଦ୍ରୁତ ସଂକ୍ରମଣ ଆଣିଥିବାରୁ ସରକାର ଏବେ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଅତି ଆବଶ୍ୟକ ଦୋକାନ ଖୋଲା ରଖିବା ପାଇଁ ନିୟମ ଜାରି କଲେ। ନିୟମ ପରିବର୍ତ୍ତନକୁ ନେଇ ବ୍ୟବସାୟୀ ଅସନ୍ତୁଷ୍ଟ ହୋଇ କିଛି ଅଧିକ ସମୟ ବସିବାବେଳେ ପୋଲିସ ଲାଠି ଚାଲାଣ କରୁଥିଲା। ଏହିଭଳି ଏକ ଖବର ସଂଗ୍ରହ କରିବା ପାଇଁ ଖବରଦାତା ପୁରୀ ବଡଶଙ୍ଖକୁ ଯାଇଥିବା ବେଳେ ପୋଲିସ ଆକ୍ରୋଶର ଶିକାର ହୋଇଛି। ଏ ନେଇ ଡେଲାଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଖବରଦାତା ପ୍ରସନ୍ନ ତ୍ରିପାଠୀ, ରଶ୍ମିରଞ୍ଜନ ପ୍ରଧାନ, ଦୀପକ ମିଶ୍ର, ସନ୍ତୋଷ ପଟ୍ଟନାୟକ,ଦିଲୀପ ଧାଉଡିଆ, ଚିତ୍ତରଞ୍ଜନ ଜେନା ପ୍ରମୁଖ ଏହାକୁ ନିନ୍ଦା କରିବା ସହ ଆକ୍ରମଣ କରିଥିବା ପୋଲିସଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

## ରଥଖଳାରୁ

## ତୁମ୍ବ କଟିଂ, ସାଇଜ କାମରେ ବ୍ୟସ୍ତ ମହାରଣା

ପୁରୀ ଅଫିସ, ୧୯।୫

ରଥଖଳାରେ ବୁଧବାର ସନ୍ଧ୍ୟା ସୁଦ୍ଧା ବଳଭଦ୍ରଙ୍କ ତାଳଧ୍ୱଜ ରଥର ୬ଟି ତୁମ୍ବର ପ୍ରାରମ୍ଭିକ ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ମହାରଣା ସେବକମାନେ ଅନ୍ୟ ତୁମ୍ବଗୁଡ଼ିକୁ ସାଇଜ କରୁଛନ୍ତି। ତିନୋଟି ତୁମ୍ବ କଟାଯାଇ ସେଥିରେ ଗୋଲାକାର କୁଅଁର ମାପ ଚିହ୍ନ ଦିଆଯିବ। ଦର୍ପଦଳନ ରଥର ୧୨ ତୁମ୍ବ ମଧ୍ୟରୁ ୭ଟିର ପ୍ରାରମ୍ଭିକ କାର୍ଯ୍ୟ ସରିଛି। ସେହିପରି ନନ୍ଦିଘୋଷ ରଥ ପାଇଁ ଆବଶ୍ୟକ ୧୬ ତୁମ୍ବ ମଧ୍ୟରୁ ୯ଟିର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆଉ ଗୋଟିଏ ତୁମ୍ବର କଟିଂ ବାକି ରହିଛି। ଅପରପକ୍ଷରେ ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଅରକଣ୍ଟା ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ୨୫ଗଣ୍ଡାରୁ ଅଧିକ ଅରକଣ୍ଟା ତିଆରି ହୋଇଛି। ଆଉ ୧୦୦ରୁ ଅଧିକ ଅରକଣ୍ଟା ତିଆରି ପାଇଁ ଲୁହାଛଡ଼ କଟିଂ ଆରମ୍ଭ କରାଯାଇଛି। ଚତୁର୍ଥ ଦିନରେ ୭୮ ଜଣ ସେବକ ଓ ସହାୟକ ନିୟୋଜିତ ଥିଲେ। ସେମାନଙ୍କ ମଧ୍ୟରୁ ୩୬ ମହାରଣା, ୪ କରତି ସେବକ, ୨୪ ଭୋଇ ସେବକ, ୧୨ ଓଝା ବା କମାର ସେବକ, ଜଣେ ତୁମ୍ବବିନ୍ଧ କାରିଗରଙ୍କ ସମେତ ଜଣେ ସହାୟକ ଉପସ୍ଥିତ ଥିଲେ। ତେବେ ଦୁଇଜଣ ମହାରଣା କାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ତେବେ ଉଭୟଙ୍କର ଆର୍‌ଟିପିସିଆର୍ ଟେଷ୍ଟିଂ ରିପୋର୍ଟ ଆସି ନ ଥିବାରୁ ରଥ ନିର୍ମାଣରେ ସାମିଲ କରାଯାଇ ନ ଥିଲା। ଉଭୟଙ୍କୁ ଭକ୍ତନିବାସ ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦିଆଯାଇଥିଲା।



## ସଡ଼କ ଦୁର୍ଘଟଣା: ମହିଳା ମୃତ, ୪ ଆହତ

ନିମାପଡ଼ା,୧୯।୫ (ଡି.ଏନ୍.ଏ.)

ନିମାପଡ଼ା ଥାନାର ନିମାପଡ଼ା–ମିଟେଇପୁର ରାସ୍ତାର ମିଟେଇପୁର ଛକ ନିକଟରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତି। ମୃତା ହେଲେ ବାଲିପାଟଣା ଥାନା ଅଭୟମୁଖୀ ଗ୍ରାମର ପୁଷ୍ପଲତା ବେହେରା। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପୁଷ୍ପଲତା ନିଜ ସ୍ୱାମୀ ଶାନ୍ତନୁ ଭୋଇ ଓ ୨ ଝିଅ(ଦୀପାଳି ଓ ଶୁଭଶ୍ରୀ)ଙ୍କ ସହ ବାଇକ୍‌ରେ ନିମାପଡ଼ା ଆଡ଼କୁ ଆସୁଥିଲେ। ହେଲେ ପଛପଟୁ ଆସୁଥିବା ଜଣେ ଯୁବକ ନିଜ ବାଇକ୍‌ର ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲେ। ତଳେ ପଡ଼ି ୫ଜଣ ଗୁରୁତର ଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲ ନେଇଥିଲେ। ହେଲେ ସେଠାରେ ପୁଷ୍ପଲତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ସ୍ୱାମୀ ଓ ୨ଝିଅ ଚିକିତ୍ସିତ ହେଉଛନ୍ତି। ତେବେ ଅନ୍ୟ ଆହତ ଯୁବକଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଆହତ ଯୁବକ ହେଲେ ନିମାପଡ଼ା ଥାନା ବନ୍ଧୁପଲସୁଦା ଗ୍ରାମର ବିଶ୍ୱରଞ୍ଜନ ସାହୁ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ।

## ଘର ମାଲିକଙ୍କ ଝିଅଙ୍କୁ ଭଡ଼ାଟିଆଙ୍କ ଛୁରାମାଡ଼

ପୁରୀ ଅଫିସ ୧୯।୫



ପୁରୀ ବାସେଳିସାହି ଥାନା ଅଞ୍ଚଳରେ ଘରଭଡ଼ାକୁ କେନ୍ଦ୍ର କରି ବୁଧବାର ଜଣେ ଭଡ଼ାଟିଆଙ୍କ ଆକ୍ରମଣରେ ଜଣେ ନାବାଳିକା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ କେସ୍ ନଂ. ୮୧/୨୧ ରୁଜୁ କରିବା ସହ ଅଭିଯୁକ୍ତ ଭଡ଼ାଟିଆ ଯୁବକ ବବୁଲ ପ୍ରଧାନଙ୍କୁ ଗିରଫ କରିଛି।

ଆକ୍ରମଣର ଶିକାର ହୋଇଥିବା ନାବାଳିକାଙ୍କ ମା'ଙ୍କ କହିବା ଅନୁଯାୟୀ, ମଙ୍ଗଳାଘାଟ ନୂଆସାହିରେ ଥିବା ତାଙ୍କ ଘରେ ଗତ ୩ମାସ ହେବ ମୁନା ପ୍ରଧାନଙ୍କ ପରିବାର ଘରଭଡ଼ା ନେଇ ରହିଆସୁଛନ୍ତି। ତେବେ ଘରଭଡ଼ା ଟଙ୍କାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ଲାଗୁଥିଲା। ଏନେଇ ଉଭୟ ପକ୍ଷ କିଛିଦିନ ତଳେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆସନ୍ତା ମାସ ୫ତାରିଖ ସୁଦ୍ଧା ଘର ଖାଲି କରିବାକୁ ପୋଲିସ ପକ୍ଷରୁ ମୁନାଙ୍କ ପରିବାର ଲୋକଙ୍କୁ କୁହାଯାଇଥିଲା। ଥାନାରୁ ଆସିବା ପରେ ମୁନାଙ୍କ ପୁଅ ବବୁଲ୍ ଭଡ଼ା ଦେବେ ନାହିଁ ବୋଲି କହିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ବୁଧବାର ସକାଳେ ଘର ମାଲିକଙ୍କ ନାବାଳିକା ଝିଅ ମଙ୍ଗଳାଘାଟ ଛକକୁ ଜଳଖିଆ କିଣିବା ପାଇଁ ଆସିଥିବାବେଳେ ବବୁଲ ତାଙ୍କୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ବାସେଳିସାହି ଥାନାରେ ଅଭିଯୋଗ ହେବା ପରେ ଥାନା ଆଇଆଇସି ହସପିଟାଲରେ ପହଞ୍ଚି ତଦନ୍ତ କରିଥିଲେ।



ପୁରୀ ବଡ଼ଶଙ୍ଖ ବଜାରରେ ବୁଧବାର ପୋଲିସ ଆକ୍ରମଣରେ ଆହତ ହୋଇଥିବା ଉଠାବ୍ୟବସାୟୀଙ୍କୁ ଡାକ୍ତରଖାନା ନିଆଯାଉଛି (ବାମ)। ପୋଲିସ ଆକ୍ରମଣକୁ ବିରୋଧ କରି ବଡ଼ଦାଣ୍ଡରେ ଧାରଣାରେ ବସିଥିବା ପରିବା ବ୍ୟବସାୟୀ।

# କୋଭିଡ୍ ନେଲାଣି ୫୭ ଜୀବନ

- ପୁଣି ରେକର୍ଡ ଭାଙ୍ଗିଲା ସଂକ୍ରମଣ
- ୨୪ ଘଣ୍ଟାରେ ୪୦୭ ସଂକ୍ରମିତ ଚିହ୍ନଟ



**ଖୋର୍ଦ୍ଧା ଅଫିସ,୧୯।୫**

ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ୩ଶହ ଟପିଲାଣି। ଗତ ୨୪ ଘଣ୍ଟାରେ ପୁଣି ଥରେ ରେକର୍ଡ ସଂଖ୍ୟକ ଅର୍ଥାତ୍ ୪୦୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକରୁ ୪୫, ଟାଙ୍ଗୀରୁ ୩୧, ବାଲିଅନ୍ତାରୁ ୬୭, ବାଲିପାଟଣାରୁ ୨୩, ଜଟଣୀରୁ ୫୪, ଖୋର୍ଦ୍ଧାରୁ ୭୪, ବେଗୁନିଆରୁ ୨୭, ବୋଲଗଡ଼ରୁ ୩୦, ଚିଲିକାରୁ ୧୯ ଏବଂ ବାଣପୁରରୁ ୩୭ ରହିଛନ୍ତି। ଜିଲା ପ୍ରଶାସନ ରିପୋର୍ଟ ଅନୁସାରେ ବୁଧବାର ସୁଦ୍ଧା ୩୩୧୭୬୭ ନମୁନା ସଂଗ୍ରହ ହୋଇଥିବାବେଳେ ୧୮୩୧୬ ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୬୭୮୨ଜଣ ସୁସ୍ଥ ହୋଇ ଫେରିଛନ୍ତି। କୋଭିଡ୍‌ରେ ୫୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୪୭୭ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରେ ଟିକାକରଣ ଜାରି ରହିଛି। ବୁଧବାର ୧୧ଟି କେନ୍ଦ୍ରରେ ୧୨୧୭ ଜଣଙ୍କୁ ଟିକା ଦିଆଯାଇଛି। ଖୋର୍ଦ୍ଧା ଉପଖଣ୍ଡରେ ବୁଧବାର ୨୫୭୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୬୮୧ ଜଣ ସୁସ୍ଥ ହୋଇ ଫେରିଛନ୍ତି। ୮୯୬ ସଂକ୍ରମଣ ସଂକ୍ରମିତଙ୍କ ମଧ୍ୟରୁ ୮୨୮ ଘରୋଇ ସଙ୍ଗରୋଧ ଏବଂ ୬୮ଜଣ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ରହିଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

## ପାଖ ଦୋକାନରୁ ଜିନିଷ କିଣନ୍ତୁ

ଏଣିକି ପୂର୍ବାହ୍ନ ୭ରୁ ୧୧ଟା ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ, ପରିବା, ଗ୍ରସେରି ସାମଗ୍ରୀ କିଣିପାରିବେ। ଘର ନିକଟରେ ଥିବା ଦୋକାନରୁ ପରିବା ଓ ଗ୍ରସେରି ସାମଗ୍ରୀ କିଣନ୍ତୁ। ବଜାରକୁ ଆସିଲେ ଚାଲିକି ଆସନ୍ତୁ ବୋଲି ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ୪ ଦୋକାନ ସିଲ୍, ଜରିମାନା ଆଦାୟ

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପୁରୁସାହିରେ ୩ ଜଳଖିଆ ଦୋକାନ, ଖୋର୍ଦ୍ଧା ସହରର ଏକ ପାନଦୋକାନ ସିଲ୍ କରାଯାଇଛି। ପ୍ରଶାସନ ଓ ପୋଲିସ ମିଳିତ ଭାବେ ୧୬ ହଜାର ୬୫୦ ଟଙ୍କା ଜରିମାନା ଆଦାୟ କରିଛି ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ସୂଚନା ଦେଇଛନ୍ତି।

## ୭୭ ଗାଡ଼ି ଜବତ

ଏସ୍‌ପି ରାଜକିଶୋର ଦୋରା କହିଛନ୍ତି, ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ବୁଧବାର ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ନିକଟରେ ୪୭, ମୁକୁନ୍ଦପ୍ରସାଦ ଛକରେ ୧୬ ଏବଂ ଚଣ୍ଡିତୁଆ ଛକରେ ୧୪ ଏଭଳି ମୋଟ ୭୭ଟି ଗାଡ଼ି ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ଖୋର୍ଦ୍ଧା ସମେତ ୩ଟି ଚେକ ପଏଣ୍ଟରେ ନାକାବନ୍ଦୀ କରାଯାଇଛି। ଖୋର୍ଦ୍ଧା ସହରରେ ୩ ଡିଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ଘଣ୍ଟା ପଡ଼ିଲା ମୃତଦେହ

**ବୋଲଗଡ଼,୧୯।୫(ଡି.ଏନ୍.ଏ.)**




ବୋଲଗଡ଼ ବ୍ଲକ ଅଧୀନ ବୋଲଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ସକାଳ ୧୦ଟାରୁ ରାତ୍ରି ପ୍ରାୟ ୮ଟା ପର୍ଯ୍ୟନ୍ତ ଏକ ମୃତଦେହ ପଡ଼ିରହିଥିବା ଦେଖିବାକୁ ମିଳିଛି। ତେବେ ମୃତ ଜଣଙ୍କ କରୋନା ସଂକ୍ରମିତ ଥିବାରୁ ପରିବାର ଲୋକେ ଗ୍ରହଣ କରିବାକୁ ରାଜି ହୋଇ ନ ଥିଲେ। ଖବରପାଇ ପ୍ରଶାସନ ତରଫରୁ ମୃତଦେହ ନେବାପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଥିଲା। ଫଳରେ ରାତି ୮ଟା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହକୁ ନିଆଯାଇଥିଲା। ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଅଞ୍ଚଳର ଜଣେ ୩୬ବର୍ଷୀୟ ଯୁବକ ବୋଲଗଡ ବ୍ଲକ ଅନ୍ତର୍ଗତ କଳାଙ୍ଗ ଗ୍ରାମରେ ନିଜ ଶ୍ୱଶୁର ଘରେ ରହୁଥିଲେ। ତେବେ ସେ କରୋନା ସଂକ୍ରମିତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ତେବେ ବୁଧବାର ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଦିନ ୧୦ଟାରେ ତାଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ରାସ୍ତାରେ ହିଁ ଗାଡ଼ି ଭିତରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଡାକ୍ତର ମୃତକ ପଜିଟିଭ ଥିବା ଜାଣି ପରିବାର ଲୋକଙ୍କୁ ତାଙ୍କର ମୃତ୍ୟୁ ହୋଇଯାଇଥିବା କହିଥିଲେ। କିନ୍ତୁ ସେମାନେ ମୃତଦେହ ନେବାକୁ ମନା କରିବାରୁ ଡାକ୍ତରଖାନରେ ମୃତଦେହ ସେଭଳି ରାତି ଯାଏ ପଡ଼ିରହିଥିଲା। ପରେ ହସ୍ପିଟାଲ କର୍ତ୍ତୃପକ୍ଷ ବ୍ଲକ ପ୍ରଶାସନ ସହିତ ଯୋଗାଯୋଗ କରିବାରେ ରାତି ୮ଟା ସମୟରେ ଜିଲା କୋଭିଡ ପରିଚାଳନା କେନ୍ଦ୍ର ତରଫରୁ ଏକ ଆମ୍ବୁଲାନ୍ସ ଦ୍ୱାରା ମୃତଦେହକୁ ସ୍ଥାନାନ୍ତର କରାଯାଇଛି। ସଂକ୍ରମଣ ସମ୍ଭାବନାକୁ ଏଡ଼ାଇବା ପାଇଁ ବୋଲଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦିନ ୧୦ଟା ସମୟରୁ ବନ୍ଦ କରିଦିଆଯାଇଥିଲା।

# କୋଭିଡ୍ ଟିକା କେନ୍ଦ୍ର ପରିଦର୍ଶନ କଲେ ଏମ୍‌ପି

**ଜଟଣୀ,୧୯।୫(ଡି.ଏନ୍.ଏ.)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜଟଣୀରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି। ବର୍ଦ୍ଧିତ ବୟସାନୁସାରେ କ୍ରମିକଭାବେ ଟିକା ଦିଆଯାଉଛି। ତେବେ ଏ ନେଇ ଜଟଣୀର ବଡ଼ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା କୋଭିଡ୍ ଟିକାକରଣ କେନ୍ଦ୍ରକୁ ବୁଧବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପରିଦର୍ଶନ କରିଛନ୍ତି। ଜଟଣୀ ଅଞ୍ଚଳରେ ପ୍ରଥମେ ଟିକାକରଣ ଆରମ୍ଭ ହେବାପରେ ପ୍ରବଳ ଭିଡ଼ ହୋଇଥିଲା। ସମସ୍ତେ ଟିକା ନେବାକୁ ଅପେକ୍ଷା କରିଥିଲେ ସୁଦ୍ଧା ସୀମିତ ଟିକା ଥିବାରୁ ଅଧିକାଂଶ ଫେରିଯାଉଥିଲେ। ଅନ୍ୟପଟେ ଦଳମତ ପାର୍ଥକ୍ୟରେ ଟିକାକରଣ ହେଉଥିବା ଅଞ୍ଚଳବାସୀ ଏମ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ଅଭିଯୋଗର ସତ୍ୟତା ଜାଣିବା ଲାଗି ଜଟଣୀ ଟିକାକେନ୍ଦ୍ରକୁ ଆସିଥିବା ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ମହାମାରୀ ବିପତ୍ତି ସମୟରେ ଦଳମତ ପାର୍ଥକ୍ୟ ନ କରାଇ ଜୀବନ ବଞ୍ଚାଇବା ଲାଗି ଟିକାକରଣ କରାଯାଉ ବୋଲି କହିଥିଲେ। ପରିଦର୍ଶନରେ ଖୋର୍ଦ୍ଧା ସିଡିଏମଓ ବିଶ୍ୱରଞ୍ଜନ ପତି, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଜିତେନ୍ଦ୍ର ପଣ୍ଡା, ତହସିଲଦାର ତପନ ମହାପାତ୍ର, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଏମ୍‌ପି ପ୍ରତିନିଧି ପଦ୍ମଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀ ଖନନ କାର୍ଯ୍ୟ ଚାଲୁ କରିବାକୁ ଦାବି

**ବୋଲଗଡ଼,୧୯।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ପିତୁକୁଳି ପଞ୍ଚାୟତ ଅନ୍ତର୍ଗତ ଟିକାତାଳ ଗ୍ରାମରେ ଏକ ପୋଖରୀ ଖନନ କାର୍ଯ୍ୟ ଚାଲିଥିବା ସମୟରେ କୌଣସି କାରଣରୁ ବିଭାଗୀୟ ଯନ୍ତ୍ରୀ ନିର୍ଦ୍ଦେଶ ଦେଇ ବନ୍ଦ କରି ଦେଇଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି କାର୍ଯ୍ୟ ଚାଲୁ କରିବାକୁ ପ୍ରଶାସନକୁ ବାରମ୍ବାର ଜଣାଇବା ସତ୍ତ୍ୱେ କେହି ଶୁଣି ନ ଥିଲେ। ଫଳରେ ଗ୍ରାମ୍ୟ କମିଟି ସମିତିଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇ ବୁଧବାର ଯଥାଶୀଘ୍ର କାର୍ଯ୍ୟ ଚାଲୁ କରିବା ନେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଯଦି କାର୍ଯ୍ୟ ଆରମ୍ଭ ନ ହୁଏ, ତେବେ ଆଗାମୀ ଦିନରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଟିକାତାଳ ଗ୍ରାମ ଗୌଡ଼ସାହି ବାସିନ୍ଦା ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଏକ ପୋଖରୀ ଖନନ କାର୍ଯ୍ୟ କରିବାକୁ ବିଡିଓ ଯନ୍ତ୍ରୀ ଓ ସରପଞ୍ଚଙ୍କ ସହମତିରେ ଗୌଡସାହି ଗ୍ରାମ୍ୟ କମିଟିକୁ ନିର୍ଦ୍ଦେଶ ଦିଆଯିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ କାର୍ଯ୍ୟର କିଛିଦିନ ପରେ ବିଭାଗୀୟ ଯନ୍ତ୍ରୀ ଖନନ କାମକୁ ବନ୍ଦ କରି ଦେବାରୁ ବିବାଦ ଉପୁଜିଥିଲା। ତେବେ ଆଗକୁ ବର୍ଷାଦିନ ଆସୁଥିବାରୁ ଖନନ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କାରେ ଗ୍ରାମ୍ୟ କମିଟିର ସଦସ୍ୟମାନେ ଏକ ସପ୍ତାହଧରି କାର୍ଯ୍ୟ ବନ୍ଦ ହେବା ଦିନଠାରୁ ସରପଞ୍ଚ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଡିଓଙ୍କୁ ଯୋଗାଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଗୌଡସାହି ଗ୍ରାମର ଶତାଧିକ ବ୍ୟକ୍ତି ଗ୍ରାମ୍ୟ କମିଟିର ନେତୃତ୍ୱରେ ବୁଧବାର ବିଡିଓଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ମାଧ୍ୟମରେ ଆଗାମୀ ୩ଦିନ ମଧ୍ୟରେ ଖନନ କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ କମିଟି ତରଫରୁ ପତ୍ର ମାଧ୍ୟମରେ ବିଧାୟକ, ଖୋର୍ଦ୍ଧା ଜିଲାପାଳ, ଉପଜିଲାପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ଗୌଡସାହି ଗ୍ରାମ୍ୟ କମିଟିର ସଭାପତି ବସନ୍ତ ମହାକୁଡ ଓ ସମ୍ପାଦକ ସୁକାନ୍ତ ବେହେରା ପ୍ରକାଶ କରିଛନ୍ତି।

# ନୂତନ ଥାନାଧିକାରୀଙ୍କ ଯୋଗଦାନ

**ବାଣପୁର,୧୯।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ଥାନାରେ ନୂତନ ଥାନାଧିକାରୀ ଭାବେ ରଶ୍ମି ରଞ୍ଜନ ସାହୁ ବୁଧବାର ଯୋଗଦେଇଛନ୍ତି। ସେ ପୂର୍ବରୁ ବେଗୁନିଆ ଥାନାରେ ଆଇଆଇସି ଥିଲେ। ବୁଧବାର ସେ ବାଣପୁର ଥାନାର ଦାୟିତ୍ୱ ନେବା ପରେ ଜନସାଧାରଣଙ୍କୁ କିପରି ଉଚିତ୍ ନ୍ୟାୟ ଦିଆଯିବ ଓ ଅଞ୍ଚଳରେ ଚୋରି, ଡକାୟତି, ରାହାଜାନିକୁ ରୋକିବା ନିମନ୍ତେ କଡ଼ାକଡି ଭାବେ ପାଟ୍ରୋଲିଂ କରାଯିବ ବୋଲି କହିଛନ୍ତି।

# ଲୁଚାଛପାରେ ଚାଲିଛି ବେପାର

- କଟକଣା ମାନୁନାହାନ୍ତି ଅସାଧୁ ବ୍ୟବସାୟୀ
- ଚଢ଼ାଉ ସତ୍ତ୍ୱେ ପ୍ରଶାସନକୁ ଚ୍ୟାଲେଞ୍ଜ

**ଜଟଣୀ,୧୯।୫(ଡି.ଏନ୍.ଏ.)**



କଟକଣା ସତ୍ତ୍ୱେ ଖୋଲାଯାଇଥିବା ଏକ ଦୋକାନରୁ ମହିଳା ଲୁଗା କିଣୁଛନ୍ତି।

ରାଜ୍ୟରେ ମହାମାରୀ କରୋନାର ସ୍ଥିତି ଦିନକୁ ଦିନ ସଙ୍ଗିନ ହେଉଥିବାରୁ ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ନେଇ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ବାଦ୍‌ଦେଇ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବା ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ଏଭଳି ସମୟରେ ଖୋର୍ଦ୍ଧା ଜିଲା ଜଟଣୀ ସହରରେ ସରକାରଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଜଟଣୀ ପୌରାଞ୍ଚଳ ଅଧୀନ ୪ନଂ. ୱାର୍ଡ ରାଜାବଜାର 'ଇମାମ ବାଡ଼ା' ଅଞ୍ଚଳରେ ଥିବା ବହୁ ହୋଲ୍‌ସେଲ ଲୁଗା ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ଗୋଦାମରେ ବେଧଡ଼କ ବ୍ୟବସାୟ ଚାଲୁଥିବା ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ଏକ ଲୁଗା ଗୋଦାମରେ ପ୍ରବଳ ସଂଖ୍ୟାରେ ଭିଡ଼ ରହୁଥିବାବେଳେ କୋଭିଡ୍ କଟକଣାକୁ 'ଫୁଁ' କରି ବ୍ୟବସାୟ ଚାଲୁରହିଛି। ପୋଲିସ ଭୟରେ ପ୍ରତ୍ୟେକ ଦିନ ଶହଶହ ଖୁଚୁରା ବ୍ୟବସାୟୀଙ୍କଠାରୁ ଆରମ୍ଭକରି ସାଧାରଣ ଲୋକ ଭୋର ୫ଟାରୁ ଉକ୍ତ ଦୋକାନରେ ଆସି କିଣାବିକା କରୁଛନ୍ତି। ତେବେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ବ୍ୟବସାୟୀ ଓ ସାଧାରଣ ଗ୍ରାହକଙ୍କ ଗହଳିକୁ ନେଇ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଲୋକେ ସଂକ୍ରମଣ ବ୍ୟାପିବା ଭୟରେ ଜୀବନ ବିତାଉଥିବା ଅଭିଯୋଗ ହେଉଛି। ଏପରି କି ପୋଲିସ ନଜରରୁ ବର୍ତ୍ତିବା ପାଇଁ ଓ ପ୍ରତିବାଦ କରୁଥିବା ଲୋକଙ୍କୁ ଭୟଭୀତ କରିବା ପାଇଁ ଗୋଦାମ ବାହାରେ କେତେଜଣ ବଡିଗାର୍ଡ ରହି ସୁରକ୍ଷା ଦେଉଛନ୍ତି। ଫଳରେ ବେଧଡ଼କ ଭାବେ ବ୍ୟବସାୟୀ ଜଣକ ବେପାର ଚଳାଇଛନ୍ତି। ସୂଚନାଥାଉ କି ପୂର୍ବରୁ ମଧ୍ୟ ଏହି ଲୁଗା ଗୋଦାମ କଟକଣା ଉଲ୍ଲଂଘନ କରି ବ୍ୟବସାୟ ଚଳାଉଥିବାରୁ ଗତ ୧୦ ତାରିଖରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରି ଦୋକାନ ସିଲ୍ କରିବା ସହିତ ୫୦୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ଏହି ଗୋଦାମକୁ ସିଲ୍ କରାଯାଇଥିଲେ ମଧ୍ୟ ପୁଣି ବେଆଇନ ଭାବେ ଗତ ୫ ତାରିଖରୁ ଏ ପର୍ଯ୍ୟନ୍ତ ଖୋଲାରଖି ବ୍ୟବସାୟ ଚଲାଉଥିବା ଅଭିଯୋଗ ହେଉଛି। ନିଜ ସ୍ୱାର୍ଥ ପାଇଁ ସରକାରଙ୍କ ନୀତିନିୟମକୁ 'ଫୁଁ' କରି ବେପାର ଚଳାଉଥିବା ଏହି ମୁନାଫାଖୋର ବ୍ୟବସାୟୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ମାଗଣା ସେବା

**ଖୋର୍ଦ୍ଧା ଅଫିସ, ୧୯।୫:** ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ସଂକ୍ରମିତ ଓ ବରିଷ୍ଠ ନାଗରିକଙ୍କ ଲାଗି ବୁଧବାର ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ମାଗଣା ସେବା ଆରମ୍ଭ କରାଯାଇଛି। ଏ ନେଇ ହେଲ୍ପଲାଇନ ନମ୍ବର ୭୦୦୮୪୪୦୨୧୦ ଏବଂ ୭୦୦୮୬୩୧୪୧୧ ଜାରି ହୋଇଛି ବୋଲି ପୌରପରିଷଦ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ସଙ୍ଗରୋଧଙ୍କୁ ରନ୍ଧାଖାଦ୍ୟ ଦିଆଯିବ। ବରିଷ୍ଠ ନାଗରିକଙ୍କ ଅର୍ଡର ଅନୁସାରେ ଗ୍ରୋସେରି ସାମଗ୍ରୀ ଫ୍ରି ଡେଲିଭରି କରାଯିବ। ପୌର ପ୍ରଶାସନ ସହ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଖୋର୍ଦ୍ଧା ଏଡ୍'ର ୧୫ ଜଣ କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଉକ୍ତ ଅନୁଷ୍ଠାନର କର୍ମକର୍ତ୍ତା ମାଗଣାରେ ସେବା ଯୋଗାଇଦେବେ ବୋଲି ସମ୍ପାଦକ ସହଜାଦ ଅହମ୍ମଦ କହିଛନ୍ତି।

### କଟକଣା ନ ମାନିଲେ ଜରିମାନା

**କୃଷ୍ଣପ୍ରସାଦ,୧୯।୫(ଡି.ଏନ୍.ଏ.):** ସମଗ୍ର ରାଜ୍ୟରେ କରୋନା ସଂକ୍ରମଣ ହୁ ହୁ ବଢିଚାଲିଥିବା ବେଳେ ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ମଧ୍ୟ ତାର କାୟା ବିସ୍ତାର କରିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନିକଟରେ ସରପଞ୍ଚମାନଙ୍କୁ ପୁଣି ଜିଲାପାଳ କ୍ଷମତା ପ୍ରଦାନ କରିବା ପରେ କରୋନାକୁ ପ୍ରତିହତ କରିବା ପାଇଁ ସରପଞ୍ଚମାନେ ଅଣ୍ଟା ଭିଡିଛନ୍ତି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ପଞ୍ଚାୟତରେ କଟକଣା ଲାଗୁ କରିଛନ୍ତି। ଗାଇଡ୍‌ଲାଇନ ଅନୁଯାୟୀ ସକାଳ ୭ଘଟିକାରୁ ଦିବା ୧୧ଘଟିକା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦେବା ସହ ବିନା କାରଣରେ ବାହାରେ ବୁଲିବାକୁ ବାରଣ କରିଛନ୍ତି। ସମସ୍ତେ ମାସ୍କ ପିନ୍ଧିବା ସହ ଗାଁ ଗହଳିରେ ଏକାଠି ନ ବସିବାକୁ ତାଗିଦ କରିଛନ୍ତି। ନିୟମକୁ ଅବମାନନା କଲେ ଆଇନ ଅନୁଯାୟୀ ୨ରୁ ୩ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସରପଞ୍ଚ କହିଛନ୍ତି। ପଞ୍ଚାୟତ ଅଧୀନ ସାନଅଁଳ, ଦଳବେହେରା ସାହି, ପାଇକସାହି, ଇପିଙ୍ଗ, ବାଉରିପଲ୍ଲି, ସନ୍ତୋଷପୁର, କୃଷ୍ଣପ୍ରସାଦ ଥାନା, ମେଡିକାଲ, ବଜାର, ବ୍ୟାଙ୍କ ଆଦି ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ କଟକଣା ସମ୍ପର୍କରେ ଅବଗତ କରାଯାଇଥିଲା। ଗ୍ରାମରୋଜଗାର ସେବକ ରାଜେଶ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଖବରଦାତାଙ୍କୁ ପୋଲିସ ମାଡ଼ର ନିନ୍ଦା

**ଜଟଣୀ,୧୯।୫(ଡି.ଏନ୍.ଏ.):** ଗଣମାଧ୍ୟମ ପ୍ରତିନିଧିଙ୍କ ସଂଘର୍ଷପୂର୍ଣ୍ଣ କାର୍ଯ୍ୟକୁ ଦେଖି ରାଜ୍ୟ ସରକାର କରୋନା ଯୋଦ୍ଧା ଘୋଷଣା କରିଥିବାବେଳେ ବୁଧବାର ପୁରୀ ଜିଲା ଧରିତ୍ରୀ ଖବରଦାତା ନିଜ କର୍ତ୍ତବ୍ୟ କରୁଥିବା ସମୟରେ ପୁରୀ ପୋଲିସର ମାଡ଼ମରାକୁ ନେଇ ଜଟଣୀରେ କାର୍ଯ୍ୟରତ ଖବରଦାତାମାନେ ନିନ୍ଦା କରିଛନ୍ତି। ଆକ୍ରମଣ କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖବରଦାତା ରବୀନ୍ଦ୍ରନାଥ ମହାକୁଡ, ଅମରେଶ ରାଉତରାୟ, ମହମ୍ମଦ ଇସମାଇଲ ଅଲ୍ଲୀ, ରଙ୍ଗନାଥ ବେହେରା, ହୃଦାନନ୍ଦ କୋଦମାନସିଂ, ହରିହର ସ୍ୱାଇଁ, ସଞ୍ଜୀବ ସେଠୀ, ବିଶ୍ୱଜିତ ସାମନ୍ତରାୟ, ସୁବ୍ରତ ନାୟକ ପ୍ରମୁଖ ଦାବି କରିଛନ୍ତି। ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ସାଧାରଣ ଜନତାଙ୍କୁ ଅନବରତ ଖବର ଯୋଗାଉଥିବା ସାମ୍ବାଦିକଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନର ଡାକରା ଦିଆଯିବା ପାଇଁ ଜଟଣୀ ଖବରଦାତାମାନେ ନିଷ୍ପତ୍ତି ନେଇଛନ୍ତି।

### ୪୨ତମ ବିଶ୍ୱଶାନ୍ତି ମହାଯଜ୍ଞ

**ନିରାକାରପୁର,୧୯।୫(ଡି.ଏନ୍.ଏ.):** ନିରାକାରପୁରର ରାମେଶ୍ୱର ପଞ୍ଚାୟତ ମିରିଗଦୟଣିଠାରେ ଥିବା ଶ୍ରୀ ଶ୍ରୀ ଐଶାନେଶ୍ୱର ଦେବଙ୍କ ପୀଠରେ ୪୨ତମ ବିଶ୍ୱ ଶାନ୍ତି ମହାଯଜ୍ଞ କରୋନା ନିୟମ ଅନୁସାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି ପୀଠରେ ଆଖପାଖ ଗ୍ରାମର ଯଥା ମିରିଗଦୟଣି, ତାଳପଡା, ଚନ୍ଦନପୁର, ପଦ୍ମପୁର, ମଧୁବନ ଆଦି ଗ୍ରାମର ବିନା ଶ୍ରଦ୍ଧାଳୁଙ୍କ ସହାୟତାରେ ଅନୁଷ୍ଠିତ ହୋଇଛି। ପୂର୍ବରୁ ଏହି ଯଜ୍ଞ ତିନିଦିନ ହେଉଥିବା ବେଳେ ଚଳିତ ବର୍ଷ ଦ୍ୱିତୀୟ ଲହର କରୋନା ସଂକ୍ରମଣ ହେତୁ ଗୋଟିଏ ଦିନରେ ପରିସମାପ୍ତି ହୋଇଛି ବୋଲି ପରିଚାଳନା କମିଟିର ମୁଖ୍ୟ ଲକ୍ଷ୍ମଣ ମଙ୍ଗରାଜ ସୂଚନା ଦେଇଛନ୍ତି। କେବଳ ରୀତିନୀତି ଅନୁସାରେ ଯଜ୍ଞ କରାଯାଇ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଶ୍ୱକଲ୍ୟାଣ


@ ସମୀର


@ ମହମ୍ମଦ ସଲିକ୍


@ ରାଜକିଶୋର


@ ସୁଧାଂଶୁ


@ ଆକାଶ


@ ଦୀପକ

# ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୋଜି ଆୟୋଜନ

**ଜଟଣୀ,୧୯।୫(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ବେଆଇନ ଭାବେ ଏକ ଭୋଜି ଆୟୋଜନ ହୋଇଥିବା ଅଭିଯୋଗ ହୋଇଥିଲା। ୨ଟି ଅସ୍ଥାୟୀ ଚୁଲି ଖୋଳାଯାଇ ବଡ଼ବଡ଼ ହଣ୍ଡା ସାହାଯ୍ୟରେ ୨୦୦ଜଣଙ୍କ ଲାଗି ରୋଷେଇ ଚାଲିଥିବା ନେଇ ପୋଲିସ ଓ ତହସିଲଦାରଙ୍କୁ ସୂଚନା ମିଳିଥିଲା। ଖବରପାଇ ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ଏବଂ ତହସିଲଦାର ତପନ ମହାପାତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଟିମ୍ ସହ ପହଞ୍ଚିଥିଲେ। ମାତ୍ର ସେଠାରେ କେହି ନ ଥିବାବେଳେ ଅସ୍ଥାୟୀ ଚୁଲିକୁ ପୋତାଯାଇ ସେଥିରେ ଇଟା ରଖିଥିବା ଦେଖିଥିଲେ। ପରେ ଏ ନେଇ ସରପଞ୍ଚଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରି ଫେରିଯାଇଥିଲେ। ତେବେ କେତେଜଣ ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଏହି ରୋଷେଇ କାର୍ଯ୍ୟ ଚାଲିଥିଲା। ତେବେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିବା ଶୁଣି କିଭଳି ସବୁ ଛାଡ଼ି ପଳାଇଥିଲେ ଏହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ନେଇ ତହସିଲଦାର ମହାପାତ୍ର କହିଛନ୍ତି, ଭୋଜି ଆୟୋଜନ ହେବା ଘଟଣା ସତ, କିନ୍ତୁ ଆମ୍ଭେ ପହଞ୍ଚିବା ପୂର୍ବରୁ ସେଠାରୁ ସମସ୍ତେ ଚମ୍ପଟ ମାରିଥିଲେ। ତେଣୁ ପ୍ରକୃତରେ କେତେଜଣଙ୍କ ପାଇଁ ଆୟୋଜନ ହୋଇଥିଲା ତାହା ଜଣାପଡିନାହିଁ। କେହି ଧରାପଡ଼ିଥିଲେ ଜରିମାନା କଟାଯାଇଥାନ୍ତା। ଅନ୍ୟପଟେ ସରପଞ୍ଚ ସେକ୍ ରିଆଜଙ୍କୁ ପଚାରିବାରୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପୋଖରୀ ଖୋଳା କାର୍ଯ୍ୟ ଚାଲୁଥିଲା, ତେଣୁ ମାତ୍ର ୨୦ଜଣ ଶ୍ରମିକଙ୍କ ପାଇଁ ରୋଷେଇ ହେଉଥିବା କହିଥିଲେ।